## ମାତୃଭୂମି ପାଇଁ ଗଣଦୌଡ଼

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଭଦ୍ରକ

ଭଦ୍ରକ,୩୧।୩ (ସନାତନ ରାଉତ/ ରବିନାରାୟଣ ଖିଲାର)

ଶ୍ରୀରାମ ନବମୀ ଉପଲକ୍ଷେ ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରବିବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ତାରିଣୀ ମନ୍ଦିରଠାରୁ ଗଣଦୌଡ଼ ଆରମ୍ଭ ହୋଇ ସହର ପରିକ୍ରମା ପରେ ସାଳନ୍ଦୀ ବାଇପାସ୍ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଶେଷ ହୋଇଥିଲା। ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗଣଦୌଡ଼କୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ସମିତି ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ ଏବଂ କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦଳମତ ନିର୍ବିଶେଷରେ ହଜାର ହଜାର ଶ୍ରୀରାମ ଭକ୍ତ,


ଶ୍ରୀରାମ ନବମୀ ଉପଲକ୍ଷେ ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରବିବାର ଅନୁଷ୍ଠିତ ମାତୃଭୂମି ପାଇଁ ଗଣଦୌଡ଼ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଅଭିନେତା ଅରିନ୍ଦମ ରାୟ ଓ ଅନ୍ୟମାନେ।

ଛାତ୍ର ଓ ଯୁବକ ଗଣଦୌଡ଼ରେ ସାମିଲ ହୋଇଥିବା ବେଳେ ଜୟ ଶ୍ରୀରାମ ଧ୍ୱନିରେ ଭଦ୍ରକ ସହର ପ୍ରକମ୍ପିତ ହୋଇଥିଲା। ସମିତିର ଉପଦେଷ୍ଟା ଅଭିମନ୍ୟୁ ସେଠୀ, ରଘୁନାଥ ସାହୁ, ଡ. ପ୍ରଦୀପ ନାୟକ, ଦୀନବନ୍ଧୁ ପତି, ପ୍ରଦୀପ୍ତ ବିଶ୍ୱାଳ, ବଦ୍ରି ନାରାୟଣ ଧଳ, ଡ. ଦେବରାଜ ପାତ୍ର, ଉପଦେଷ୍ଟା ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଓଡ଼ିଆ ସିନେତାରକା ଅରିନ୍ଦମ ରାୟ, ସମିତିର ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, କହ୍ନେଇ ଚରଣ ଦାସ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, ତୁଷାରକାନ୍ତ ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ, ପ୍ରୟାସକାନ୍ତି ସାମଲ, ମନସ୍ମିତା ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ରାଜନୈତିକ ଦଳର କର୍ମକର୍ତ୍ତା ଏଥିରେ ସାମିଲ ଥିଲେ। ଗଣଦୌଡ଼ଠାରୁ ରାମନବମୀ ମହୋତ୍ସବର ଶୁଭାରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଗୋପୂଜନ, ସାଧୁସନ୍ଥ ପୂଜନ, ବାଲ୍ ବଜରଙ୍ଗୀଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରା, ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆଜ୍ଞାମାଳ ଅଣାଯିବା, କଳସ ଶୋଭାଯାତ୍ରା, ନଗର ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ରହିଛି।

# ବିଜେଡିର ବାଇକ୍ ଶୋଭାଯାତ୍ରା, ବିଷ୍ଣୁବ୍ରତଙ୍କୁ ସମ୍ବର୍ଦ୍ଧନା


ବାଇକ୍ ଶୋଭାଯାତ୍ରାରେ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ।

ତିହିଡ଼ି,୩୧।୩ (ସଞ୍ଜିତ ବଳ)

ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କୁ ରବିବାର ତିହିଡ଼ି ବ୍ଲକ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଷ୍ଣୁବ୍ରତ ଦଳୀୟ ନେତା ଓ କର୍ମୀଙ୍କ ସହ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ। ଅଚକ ପଞ୍ଚାୟତର ଦୁର୍ଗା ମନ୍ଦିରଠାରେ ପୂଜାପାଠ କରାଯିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାଇକ୍ ଶୋଭାଯାତ୍ରାରେ ତାଙ୍କ ଜନ୍ମମାଟି ମୁକୁନ୍ଦପୁର ଯାଇ ଜେଜେବାପା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟ ଓ ବାପା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାଇକ୍ ଶୋଭାଯାତ୍ରାରେ ନିର୍ବାଚନମଣ୍ଡଳୀ ଅଧୀନ ଭାଟପଡ଼ା, ମହରମପୁର, ସୟା, ବାହାବଳପୁର, କୋହ୍ଲ, ମଙ୍ଗଳପୁର ଓ ସିନ୍ଦୋଳ ପଞ୍ଚାୟତ ବୁଲିଥିଲେ। ବରିଷ୍ଠ ନେତା ଦୁର୍ଗାଦତ୍ତ ରାଉତରାୟ, ବ୍ଲକ ସଭାପତି ରଘୁନାଥ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ଜିଲା ଉପସଭାପତି ସୁରେନ୍ଦ୍ର ନାୟକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ସରପଞ୍ଚ ତାପସ ବେହେରା, କୈଳାସ ପରିଡ଼ା, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ବିଷ୍ଣୁ କୁଅଁର, ବିପିନ ବେହେରା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# ଖୋଲୁନି ସରକାରୀ କାର୍ଯ୍ୟାଳୟ, ସେବା ପାଇବାରୁ ବଞ୍ଚିତ ଲୋକେ

ବାସୁଦେବପୁର,୩୧।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ମୁଖ୍ୟ ବଜାର ସଂଲଗ୍ନ ଅଞ୍ଚଳରେ ଥିବା ୩ଟି ସରକାରୀ କାର୍ଯ୍ୟାଳୟ ମାସ ମାସ ଧରି ଖୋଲାଯାଉ ନାହିଁ। ସବୁବେଳେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ଅଫିସ ଖୋଲୁ ନ ଥିବାରୁ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର କୋଠାଘରେ ଥିବା ପରିସଂଖ୍ୟାନ ବିଭାଗ କାର୍ଯ୍ୟାଳୟରେ ମାସ ମାସ ଧରି ତାଲା ପଡ଼ି ରହୁଛି। କାଁ ଭାଁ କେତେବେଳେ ବର୍ଷରେ ଥରେ ଦୁଇଥର ଏହି ଅଫିସ ଖୋଲା ହେଉଛି। ଏପରିକି ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଦିନ ଜିଲା ପ୍ରଶାସନିକ ଅଧିକାରୀ ଓ ବ୍ଲକ ଅଧିକାରୀମାନେ ଉପସ୍ଥିତ ହେଉଥିବା ବେଳେ ଏହି ସମୟରେ ମଧ୍ୟ ଖୋଲାଯାଉ ନାହିଁ। ସେହିପରି ବ୍ଲକ କାର୍ଯ୍ୟାଳୟ ସାମ୍ନା କାଳୀମନ୍ଦିର ପାଖରେ ଥିବା କାଡ଼ାନାଳ ଅଫିସ ମଧ୍ୟ ବର୍ଷ ବର୍ଷ ଧରି ଖୋଲାଯାଉନି। କାର୍ଯ୍ୟାଳୟଟି ପରିତ୍ୟକ୍ତ ଓ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି।

ଅନୁରୂପ ଭାବେ ବାସୁଦେବପୁର ପୌରପାଳିକାର ଦେଉଳୀ ମୌଜାରେ ଥିବା ଉଠାଜଳସେଚନ କାର୍ଯ୍ୟାଳୟର ମଧ୍ୟ ଅବସ୍ଥା ତଦ୍ରୂପ। ଏହା ଭଗ୍ନ ଓ ଜରାଜୀର୍ଣ୍ଣ ଆଜ୍‌ବେଷ୍ଟସ ଘରେ ଦୀର୍ଘଦିନ ଧରି ଚାଲିଥିବା ବେଳେ ନିୟମିତ ଖୋଲାଯାଉ ନାହିଁ। ମାସେ କିମ୍ବା ଦୁଇ ମାସରେ ଖୋଲୁଥିବା ବେଳେ ଅଧିକାଂଶ ଦିନ ଅଫିସ ବନ୍ଦ ରହୁଥିବାରୁ ଚାଷୀମାନେ ଉଠାଜଳସେଚନ ଜନିତ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ୩ ଅଫିସ ନିୟମିତ ଭାବେ ଖୋଲିବା ପାଇଁ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ସଞ୍ଜୀବ କୁମାର ସାହୁ କହିଛନ୍ତି, ବ୍ଲକ ଅଫିସ୍ ପରିସରରେ ଥିବା ପରିସଂଖ୍ୟାନ ବିଭାଗ କାର୍ଯ୍ୟାଳୟ କାହିଁକି ବନ୍ଦ ରହୁଛି ସେନେଇ ଅନୁଧ୍ୟାନ କରି ପଦକ୍ଷେପ ନେବେ।


ପରିସଂଖ୍ୟାନ ବିଭାଗ କାର୍ଯ୍ୟାଳୟରେ ତାଲା ପଡ଼ିଛି।


ଉଠାଜଳସେଚନ ଅଫିସ୍।

# ବରପଦା ଇଞ୍ଜିନିୟରିଂ କଲେଜକୁ ସରକାରୀ କରାଯାଉ


ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀମାନେ।

## ସମ୍ମିଳନୀରେ ଦାବି କଲେ ବୁଦ୍ଧିଜୀବୀ

ଭଦ୍ରକ,୩୧।୩ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜର ସୁରକ୍ଷା ଓ ସରକାରୀ କରାଯିବା ଦାବିରେ ରବିବାର ଭଦ୍ରକ ସହରର ନରେନ୍ଦ୍ର ରୟାଲ ସମ୍ମିଳନୀ କକ୍ଷରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ନିରାକାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜମୋହନ ମିଶ୍ର, ଗ୍ରନ୍ଥକାର ଅଭୟ ଦ୍ୱିବେଦୀ, ଖବରଦାତା ସତ୍ୟପ୍ରକାଶ ନାୟକ, ବରପଦା ନାଗରିକ ମଞ୍ଚର ସଭାପତି ଯୁଧିଷ୍ଠିର ପଣ୍ଡା ପ୍ରମୁଖ ଯୋଗଦେଇ କହିଥିଲେ, ୧୯୮୩ରୁ ଏହି ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିବା ବେଳେ ଶିକ୍ଷାନୁଷ୍ଠାନର ମୂଳ ବାଇ 'ଲକୁ ପରିବର୍ତ୍ତନ କରାଯାଇ ଭଣ୍ଡାରିପୋଖରୀ ବିଧାୟକ ଓ ତାଙ୍କ ପରିବାର କଲେଜକୁ ପରିଚାଳନା କରିଆସୁଥିଲେ। ବ୍ୟାପକ ଅନିୟମିତତା, କର୍ମଚାରୀଙ୍କ ବେତନ ଦିଆ ନ ଯିବା ଆଦି କାରଣରୁ ଅନୁଷ୍ଠାନରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। କଲେଜର ଜମି ଦୁର୍ନୀତି ନେଇ ବିଧାୟକଙ୍କ ଘର ସମେତ ୧୦ଟି ସ୍ଥାନରେ ଗତ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଥିଲା।

ଶିକ୍ଷାନୁଷ୍ଠାନର ଗରିମା ଫେରାଇ ଆଣିବା ପାଇଁ ପରିଚାଳନା କମିଟି ଭଙ୍ଗ କରି ଏହାର ପରିଚାଳନା ଭାର ସରକାର ଗ୍ରହଣ କରିବା ସହ ଜିଲାପାଳ ଦାୟିତ୍ୱ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏହି ଯଥାର୍ଥ ଦାବି ପୂରଣ ନ ହେଲେ ଆଗାମୀ ନିର୍ବାଚନରେ ଏହାର ପ୍ରତିଫଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଆଇନଜୀବୀ ଗିରିଧାରୀ ନାଥ, ଦିବ୍ୟସିଂହ ନାୟକ, ଅଗଣୀ ଚରଣ ନାୟକ, ତ୍ରିଲୋଚନ ପଣ୍ଡା, ମହମ୍ମଦ ଫାରୁକ, ଅମର ପାଣିଗ୍ରାହୀ, ଶ୍ରୀଧର ନାୟକ, କୁଳମଣି ବେହେରା, ଶେଖ୍ ଇମିତିଆଜ ଅଲ୍ଲୀ, ଶ୍ରୀହର୍ଷ ସ୍ୱାଇଁ, ଆଇନଜୀବୀ କିଶୋର ବଳ, ବିଶ୍ୱନାଥ ଅଗ୍ରୱାଲ, ସୁରେଶ ମହାପାତ୍ର, ମହେଶ ଅଗ୍ରୱାଲଙ୍କ ସମେତ ବହୁ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗ ଦେଇଥିଲେ।

# ଭଦ୍ରକ ମହିଳା ମହାବିଦ୍ୟାଳୟରେ ଶିକ୍ଷା ପାଠଚକ୍ର

ଭଦ୍ରକ,୩୧।୩ (ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ 'ଶିକ୍ଷାରେ ନେତୃତ୍ୱ ପରିଚାଳନା' ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁପ୍ରୀତି କର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅନୀଲ କୁମାର ନାୟକ ଯୋଗଦେଇ ଶିକ୍ଷାନୁଷ୍ଠାନରେ ନେତୃତ୍ୱ ପରିଚାଳନା ସହ ଶିକ୍ଷା ସମ୍ପର୍କରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ଆଭାମୟୀ ମହାପାତ୍ର, ଜ୍ୟୋସ୍ନାରାଣୀ ଲେଙ୍କା, ସ୍ନିଗ୍ଧାରାଣୀ ଖୁଣ୍ଟିଆ ଓ ପ୍ରୀତିରେଖା ଜେନା ପରିଚାଳନା କରିଥିଲେ। ଡ. ସଙ୍ଗୀତା ଦାସ, ଇପ୍ସିତା ବିଶ୍ୱାଳ, ଅମୃତା ମହାନ୍ତି, ସୁପ୍ରିୟା ଚକ୍ରବର୍ତ୍ତୀ, ଅନୀଲ ବେହେରା, ସୁବାସିନୀ ସେଠୀ, ଗୀତାଞ୍ଜଳି ସାହୁ ଓ ପ୍ରିୟଦର୍ଶିନୀ ସାହୁ ଉପସ୍ଥିତ ଥିଲେ। ଛାତ୍ରୀମାନେ ଅତିଥିଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ସହ ପାଠଚକ୍ରରେ ନିଜର ମତାମତ ରଖିଥିଲେ।



ପାଠଚକ୍ରରେ ଉପସ୍ଥିତ ଅତିଥି।

# ଦପାନାୟକାଣୀଙ୍କ ପୀଠରେ ପୂଜାର୍ଚ୍ଚନା କଲେ ସଞ୍ଜୟ

ତିହିଡ଼ି,୩୧।୩ (ସଞ୍ଜିତ ବଳ)

ଧାମନଗର ବିଧାନସଭା କ୍ଷେତ୍ର ବିଜେଡି ପ୍ରାର୍ଥୀ ଡା. ସଞ୍ଜୟ କୁମାର ଦାସ ରବିବାର ମା' ଦପାନାୟକାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରିଛନ୍ତି। ଦୋଳସାହି ବଜାରରେ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ବାଇକ୍ ଶୋଭାଯାତ୍ରାରେ ଗୁଆମାଳ, ଦୋଳସାହି, ବିଲଣା, ବୋଡ଼କ, କୁବେରା, ଶ୍ୟାମସୁନ୍ଦରପୁର ଆଦି ପଞ୍ଚାୟତ ପରିକ୍ରମା କରି ଈଶ୍ୱରପୁରସ୍ଥିତ ଦପାନାୟକାଣୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ରୁଜାତା ପଣ୍ଡା, ଶାରଦା ପ୍ରସନ୍ନ ସାହୁ, ଧାମନଗର ବ୍ଲକ ସଭାପତି ଉମେଶ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ, ପ୍ରଦୀପ କୁମାର ପଣ୍ଡା, ବରିଷ୍ଠ ନେତା ହରେକୃଷ୍ଣ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, ଭୀମସେନ ବାରିକ, ସରପଞ୍ଚ ପବିତ୍ର ମୋହନ ମଲିକ, ସମିତିସଭ୍ୟ ଜୟପ୍ରକାଶ ମଲିକ, ଜୀବନଜ୍ୟୋତି ପଲାଇ, ପୂର୍ବତନ ସରପଞ୍ଚ ଭାଗୀରଥି ମଲିକ, ଅମିୟ ମଲ୍ଲିକ, ଦୁଷ୍ମନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବୋଡ଼କ ପଞ୍ଚାୟତ ଓରାଳି ଗ୍ରାମର କେତେଜଣ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି।


ମା' ଦପାନାୟକାଣୀଙ୍କ ପୀଠରେ ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସଙ୍କ ସହ ବିଜେଡି ନେତା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ

ଭଦ୍ରକ,୩୧।୩ (ରବିନାରାୟଣ ଖିଲାର)

ଭଦ୍ରକର କୁଆଁସ୍ଥିତ ନିତ୍ୟାନନ୍ଦ ଭବନଠାରେ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଦିଗମ୍ବର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୂର୍ବତଟ ରେଳପଥ ଜନସମ୍ପର୍କ ଅଧିକାରୀ ନିରାକାର ଦାସ ଏବଂ ମୁଖ୍ୟବକ୍ତା ପ୍ରଫେସର ମୃତ୍ୟୁଞ୍ଜୟ ରଥ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ଆବସରପ୍ରାପ୍ତ ଶିକ୍ଷକ ଉଦୟ ନାଥ ମହାନ୍ତି, ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ, ଶିକ୍ଷାବିତ୍ ହରମୋହନ କୁଅଁର, ଗୋଲକ ବିହାରୀ ସାହୁ, ଉପସଭାପତି ଶାନ୍ତନୁ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରମ କରିଥିବା ଆଜୀବନ ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ବାସୁଦେବ ବାରିକ, ଶରତ ଚନ୍ଦ୍ର ମହାନ୍ତି, ନାରାୟଣ ଚନ୍ଦ୍ର ନାୟକ, ବାଙ୍କବିହାରୀ ଦାସ, ରଙ୍ଗବଲ୍ଲଭ ଜେନା, ଶରତ କୁମାର, ନିର୍ମଳ ଚନ୍ଦ୍ର ପ୍ରଧାନ, ରାମକୃଷ୍ଣ ସାମଲ, ପଣ୍ଡିତ ରତ୍ନାକର ମିଶ୍ର ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ସଦସ୍ୟା ଶାନ୍ତିଲତା ମହାପାତ୍ର, ହିସାବ ସମୀକ୍ଷକ ଲକ୍ଷ୍ମଣ ମହାନ୍ତି, ନାରାୟଣ ଚନ୍ଦ୍ର ପଣ୍ଡା, କାଶୀନାଥ ସାହୁ, କୈଳାସ ଚନ୍ଦ୍ର ପଣ୍ଡା, ଦୁଃଶାସନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# କଂଗ୍ରେସକୁ ଦୁର୍ବଳ କରିବାକୁ ଚାଲିଛି ଷଡ଼ଯନ୍ତ୍ର: ଅନନ୍ତ


ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ସହ କଂଗ୍ରେସ କର୍ମକର୍ତ୍ତା।

ଭଦ୍ରକ,୩୧।୩ (ସନାତନ ରାଉତ)

ନିର୍ବାଚନୀ ପାଣ୍ଠି ସଂଗ୍ରହ କରିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ପ୍ରୟୋଗ କରି ଭାରତର ସବୁଠାରୁ ପୁରୁଣା ଦଳ କଂଗ୍ରେସକୁ ଦୁର୍ବଳ କରିବାକୁ ଭାଜପା ଷଡ଼ଯନ୍ତ୍ର କରୁଛି ବୋଲି ରବିବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ କହିଛନ୍ତି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୨୦୧୮ ରୁ ୨୦୨୪ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ବିଭିନ୍ନ ରାଜନୈତିକ ଦଳ ମୋଟ ୧୬ ହଜାର ୫୧୮ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ କେବଳ ଭାଜପା ୮ ହଜାର ୨୫୨ କୋଟି ଟଙ୍କା ପାଇଛି। କଂଗ୍ରେସ ମାତ୍ର ୧ ହଜାର ୯୫୦ କୋଟି ଟଙ୍କା ପାଇଥିବା ବେଳେ କେନ୍ଦ୍ରୀୟ ସଂସ୍ଥା ଇନ୍‌କମ୍ ଟ୍ୟାକ୍ସ ଲଗାଇ କଂଗ୍ରେସର ସମସ୍ତ ଆକାଉଣ୍ଟକୁ ସିଜ୍ କରି ଦିଆଯାଇଛି। ନିର୍ବାଚନ ସମୟରେ ଆକ୍ରୋଶମୂଳକ ଭାବେ କଂଗ୍ରେସକୁ ଦୁର୍ବଳ କରିବା ପାଇଁ ଓ ନିର୍ବାଚନ ଲଢ଼ି ନ ପାରିବା ଲାଗି ଏପରି ଷଡ଼ଯନ୍ତ୍ର କରାଯାଇଥିବା ସେ ଆରୋପ ଲଗାଇଛନ୍ତି। କଂଗ୍ରେସ ଦୁର୍ବଳ ହୋଇଗଲେ ଭାଜପାର ଏକଛତ୍ରବାଦ ଦେଶରେ ବୃଦ୍ଧି ପାଇବ। ସେମାନଙ୍କର ଏହି ଅଗଣତାନ୍ତ୍ରିକ ପ୍ରୟାସକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି ବୋଲି ସେ କହିଥିଲେ। କଂଗ୍ରେସର ଜିଲା ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ନାରୀନେତ୍ରୀ ଅମିତାବାଳା ଆଚାର୍ଯ୍ୟ, ସ୍ୱସ୍ତିକା ପଣ୍ଡା, ବିଧାନସଭା ଯୁବ ସଭାପତି ଇଲିୟାସ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତି ୩ ଦିନରେ ହେବ ବୁଥ୍‌ସ୍ତରୀୟ ସମନ୍ୱୟ ବୈଠକ

## ନିର୍ବାଚନ ପରିଚାଳନା ନେଇ ଜିଲାସ୍ତରୀୟ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଆଲୋଚନା

ଭଦ୍ରକ,୩୧।୩ (ସନାତନ ରାଉତ)

ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ଶୃଙ୍ଖଳିତ କରାଯିବା ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନରେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ଥାନାଧିକାରୀ, ତହସିଲଦାର ଏବଂ ବିଡିଓଙ୍କ ମଧ୍ୟରେ ସମନ୍ୱୟ ରକ୍ଷା, ଫ୍ଲାଇଂ ସ୍କ୍ୱାଡ୍ ଓ ସର୍ଭେଲାନ୍ସ ସ୍କ୍ୱାଡ୍ ଦ୍ୱାରା ଅବୈଧ ଅର୍ଥ, ଅବକାରୀ ଆଦି ଜବତ କରାଯିବା, ଗତ ପଞ୍ଚାୟତ, ସାଧାରଣ ନିର୍ବାଚନ ଓ ଉପନିର୍ବାଚନ ସମୟରେ ଘଟିଥିବା ନିର୍ବାଚନୀ ସମ୍ବନ୍ଧୀୟ ମୋକଦ୍ଦମାଗୁଡ଼ିକର ସମାଧାନ, ଆଇନ ଶୃଙ୍ଖଳା ରକ୍ଷା ନେଇ ଆଲୋଚନା କରାଯାଇଥିଲା। ସମସ୍ତ ବୁଥ୍‌ରେ ନିରାପତ୍ତା ଓ ପାନୀୟ ଜଳ, ଶୌଚାଳୟ, ହ୍ୱିଲ୍‌ଚେୟାର ଆଦି ମୌଳିକ ସୁବିଧା ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ସମସ୍ତ ଲାଇସେନ୍ସପ୍ରାପ୍ତ ଅସ୍ତ୍ରଶସ୍ତ୍ର, ବନ୍ଧୁକ ଆଦି ସରେଣ୍ଡର ପାଇଁ ନୋଟିସ୍ ଜାରି କରାଯାଇଛି। ଏଥିରେ ଖିଲାପ କଲେ ପଦକ୍ଷେପ ନେବାକୁ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସମସ୍ତ ସମ୍ବେଦନଶୀଳ ୬୦ ପ୍ରତିଶତ ବୁଥ୍‌ରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଛି। ପ୍ରତି ୩ ଦିନରେ ବୁଥ୍‌ସ୍ତରୀୟ ସମନ୍ୱୟ ବୈଠକ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସମିତ କୁମାର ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଅତିରିକ୍ତ ଏସ୍‌ପି ବାମଦେବ ସିଂ ଓ ବିଜୟ ରଞ୍ଜନ କେରକେଟା ବୈଠକରେ ଯୋଗ ଦେଇଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି ପ୍ରଭାତ କୁମାର ବିଶ୍ୱାଳଙ୍କ ସହ ଜିଲାର ସମସ୍ତ ଏସ୍‌ଡିପିଓ, ଥାନାଧିକାରୀ, ଇନ୍ସପେକ୍ଟର ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ସାଗରିକା ସାହୁ, ଡେପୁଟି କଲେକ୍ଟର ଜୁଡିସିଆଲ କାର୍ତ୍ତିକ ନାଥ ମଣ୍ଡଳ ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଉପସ୍ଥିତ ଅଧିକାରୀମାନେ।

## ସଂକ୍ଷେପରେ

### ବିଜେଡି ଛାଡ଼ିଲେ କନିଷ୍କ



ଜଳେଶର,୩୧।୩(ରବିନାରାୟଣ ପାତ୍ର)– ବିଜେଡି ନେତା କନିଷ୍କ ବୋଧିସତ୍ତ୍ୱ ଦଳ ଛାଡ଼ିଛନ୍ତି। ଜଳେଶ୍ୱର ବିଧାୟକ ତଥା ଜିଲା ସଭାପତିଙ୍କ ଅଣଦେଖା ଓ ଜିଲା ପର୍ଯ୍ୟବେକ୍ଷକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ରବିବାର ପଠାଇଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କନିଷ୍କ ଛାତ୍ର ଜୀବନରୁ ବିଜେଡି ସହ ଜଡ଼ିତ ହୋଇ ଛାତ୍ର ସଂସଦର ସଭାପତି, ରାଜ୍ୟ ଛାତ୍ର ବିଜେଡିର ସଙ୍ଗଠନ ସମ୍ପାଦକ, ରାଜ୍ୟ ପରିଷଦ ସଦସ୍ୟ, ଆଞ୍ଚଳିକ ପରିବହନ ପ୍ରାଧିକରଣର ସଭ୍ୟ, ପର୍ଯ୍ୟବେକ୍ଷକ, ଖାଉଟି ସୁରକ୍ଷା ପରିଷଦର ସଦସ୍ୟ ହେବା ସହିତ ରାଜ୍ୟ ଜୀବନବିନ୍ଦୁ ସଂଯୋଜକ ମଧ୍ୟ ହୋଇଥିଲେ। ମାତ୍ର ସ୍ଥାନୀୟ ବିଧାୟକଙ୍କ ଅଣଦେଖା ଓ ଜିଲା ପର୍ଯ୍ୟବେକ୍ଷକଙ୍କ ବ୍ୟବହାର ତାଙ୍କୁ ବ୍ୟଥିତ କରିଥିବା ବିଷୟରେ ରାଜ୍ୟ କର୍ମକର୍ତ୍ତାଙ୍କୁ ଜଣାଇବା ପରେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା ବୋଲି ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

### ଲଙ୍ଗଳେଶ୍ୱର ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ବାଲିଆପାଳ,୩୧।୩(ଅମୁଲ୍ୟ କୁମାର ଦାସ)– ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱରଠାରେ ଥିବା ଜ୍ଞାନ ବିଜ୍ଞାନ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲଙ୍ଗଳେଶ୍ୱର ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଶୁଭେନ୍ଦୁ ଦାସ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଅମୂଲ୍ୟ ଘଡ଼ାଇ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାସିନ୍ଧୁ ସାହୁ ଯୋଗ ଦେଇଥିଲେ।ଶିକ୍ଷକ ଶିକ୍ଷାର ସର୍ବାଙ୍ଗୀନ ବିକାଶକୁ ଲକ୍ଷ୍ୟ ରଖି ଡାକ୍ତର, ଇଞ୍ଜିନିୟର, କଲେକ୍ଟର ସୃଷ୍ଟିକୁ ଗୁରୁତ୍ୱ ନ ଦେଇ ଭଲ ମଣିଷ ସୃଷ୍ଟି କରିବା ଉଚିତ୍ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିଦୁର ପଡ଼ିଆରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟାସଦସ୍ୟମାନେ ଉତ୍ସବକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ‘ଚାଷଜମିକୁ ରାସ୍ତା ନାହିଁ ତ ଭୋଟ ନାହିଁ’

## ଭୋଟ ବର୍ଜନ ଚେତାବନୀ ଦେଲେ ଚାଷୀ

ବାଲେଶ୍ୱର,୩୧।୩(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଉତ୍ତରଚକ ଗ୍ରାମର ଚାଷୀମାନେ ଚାଷ ଜମିକୁ ରାସ୍ତା ସମସ୍ୟା ନେଇ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି। ଚାଷ ଜମିକୁ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ଏହି ଗ୍ରାମ ମଧ୍ୟ ଦେଇ ଯାଇଥିବା ରେଳ ଲାଇନ୍ ଉକ୍ତ ଅଞ୍ଚଳର ଚାଷୀମାନଙ୍କ ପାଇଁ ବାଧକ ସାଜିଛି। ପ୍ରତିଦିନ ଚାଷ କାର୍ଯ୍ୟରେ ବାହାରୁଥିବା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ଧକ୍କାରେ ଅନେକ ଧନଜୀବନ ନଷ୍ଟ ହେଉଛି। କ୍ରମାଗତ ଭାବେ ଏହିଭଳି ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଗ୍ରାମବାସୀମାନେ ଦୀର୍ଘଦିନ ଧରି ରେଳ ବିଭାଗ ନିକଟରେ ଗଳା ପୋଲ ନିର୍ମାଣ ଲାଗି ଦାବି କରିଆସୁଛନ୍ତି। ଏଥିପାଇଁ ବହୁବାର ରେଳ ଲାଇନ୍ ଉପରେ ଧାରଣା ଦେବା ସହ ଛୋଟବଡ଼ ଆନ୍ଦୋଳନ ଜାରି ରଖିଛନ୍ତି। କିନ୍ତୁ ଏହାକୁ କର୍ଣ୍ଣପାତ କରୁ ନାହିଁ ରେଳ ବିଭାଗ, ରାଜନେତା ଓ ସ୍ଥାନୀୟ ପ୍ରଶାସନ। ବହୁ ବର୍ଷ ଧରି ସମସ୍ୟାରେ ଛନ୍ଦି




ଗଳାପୋଲ ନିର୍ମାଣ ନେଇ ଦାବି କରୁଥିବା ଚାଷୀ ଓ ଗ୍ରାମବାସୀ।

ହୋଇ ପଡ଼ିଥିବା ଉକ୍ତ ଗ୍ରାମର ଚାଷୀଙ୍କ ସହ ପରିବାର ଲୋକେ ଚଳିତବର୍ଷ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ଉତ୍ତରଚକ ଗ୍ରାମ ତଥା ପଡ଼ୋଶୀ ଗ୍ରାମ ସମସ୍ତ ପରିବାର ମୁଖ୍ୟତଃ କୃଷି କାର୍ଯ୍ୟ କରି ସେମାନଙ୍କ ପରିବାର ଭରଣ ପୋଷଣ କରନ୍ତି। ରେଳ ଲାଇନ୍‌ର ପଶ୍ଚିମ ପାର୍ଶ୍ୱରେ ଶତାଧିକ ଏକର ଚାଷ ଜମି ରହିଛି ଏବଂ ଏହି ଚାଷ ଜମି ସବୁ ସେମାନଙ୍କର ହାଣ୍ଡିଶାଳ ଅଟେ। ଉକ୍ତ ଚାଷଜମିକୁ ପହଞ୍ଚିବା ପାଇଁ କୃଷକମାନଙ୍କୁ ରେଳ ଲାଇନ୍‌ର ସୀମା ପାରି କରି ସମସ୍ତ କୃଷି ଉପକରଣ ଯଥା– ଟ୍ରାକ୍ଟର, ପାୱାରଟିଲର, ବଳଦ, ବିହନ ଇତ୍ୟାଦି ନେବାକୁ ହୁଏ ଏବଂ ଚାଷ ଅମଳ କରିବା ପାଇଁ ମଧ୍ୟ ଏହି ରେଳ ଲାଇନ୍ ପାରି ହେବାକୁ ପଡ଼େ। ଏକ ଉପଯୁକ୍ତ ରାସ୍ତା ନ ଥିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କାନ୍ଧ ଓ ମୁଣ୍ଡରେ ଧାନ ବୋହି ଚାଷ ଅମଳ କରିବା ପାଇଁ ମଧ୍ୟ ଏହି ରେଳଲାଇନ ପାରି ହେବା ପାଇଁ ବାଧ୍ୟ ହୁଅନ୍ତି। ଅନେକ ସମୟରେ ରେଳ ଗାଡ଼ିରେ ବେଗ ପାଇଁ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ବହୁ ଧନ ଜୀବନ ନଷ୍ଟ ହୋଇଛି। ଅତ୍ୟନ୍ତ ଦୁଃଖର ବିଷୟ ଯେ, ଯେଉଁ ରେଳ ବିଭାଗ ପାଇଁ ଆମ ପୂର୍ବ ପୁରୁଷ ସେମାନେ ଚାଷ ଜମି ତ୍ୟାଗ କରି ରେଳ ଲାଇନ ହେବାରେ ସାହାଯ୍ୟ କରିଛନ୍ତି, ସେମାନଙ୍କ ଚାଷ ଜମିକୁ ପହଞ୍ଚିବା ପାଇଁ ଏକ ଉପଯୁକ୍ତ ରାସ୍ତା ରେଳ ବିଭାଗ କରିପାରି ନାହିଁ। ଯାହାଦ୍ୱାରା ଚାଷୀମାନଙ୍କୁ ଜୀବିକାକୁ ହରେଇବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ବାଚନ ପୂର୍ବରୁ ରେଳ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ଗଳା ପୋଲ ନିର୍ମାଣ ହେବାର ପ୍ରତିଶ୍ରୁତି ନ ମିଳିଲେ ଚଳିତ ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭା ଭୋଟ୍ ବର୍ଜନ କରିବେ ବୋଲି ଦେବେନ୍ଦ୍ର ଧିନ୍ଦା, ଚକ୍ରଧର ସାହୁ, ବସନ୍ତ ଧିନ୍ଦା, ଲକ୍ଷ୍ମଣ ସାହୁ, ବାଇଧର ଦାସ, କୃଷ୍ଣଚନ୍ଦ୍ର ମାହାର୍ଣ୍ଣା, ବେଣୁଧର ସାସମଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା,୩୧।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ମିର୍ଜାପୁରସ୍ଥିତ କେସି ୟୁପି ସ୍କୁଲର କାର୍ଯ୍ୟରତ ପ୍ରଧାନଶିକ୍ଷକ ନରହରି ରାଉଳଙ୍କୁ ରବିବାର ବିଦ୍ୟାଳୟ ପରିସରରେ ସମୂହ ଗ୍ରାମବାସୀ ଓ ସହକାରୀ ଶିକ୍ଷକମାନଙ୍କ ତରଫରୁ ସେବାନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କମଳାକାନ୍ତ ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଆର୍‌ସିସି ଗୌରାଙ୍ଗ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ବିଜୟ କୁମାର ଦ୍ୱିବେଦୀ, ପ୍ରଫୁଲ୍ଲ କୁମାର ଦାଶ, ଶଙ୍କର୍ଷଣ ଜେନା,ଉଦୟ କୁମାର ପାତ୍ର, ସନ୍ତୋଷ କୁମାର ଦକ୍ଷିଣରାୟ ଓ ଜନାର୍ଦ୍ଦନ ସାମଲ, ପରିଚାଳନା କମିଟି ସଭାପତି ମିତାରାଣୀ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ପିଏସ୍ ସଂଘର ସଭାପତି ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା, ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି, ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଧାନଶିକ୍ଷକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

## ନୃତ୍ୟ ସଙ୍ଗୀତ ଓ ଯୋଗ ଏକାଡେମୀ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ),୩୧।୩

ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପୁର ପଞ୍ଚାୟତର ଲତା ଯୋଡ଼ିଠାରେ ସିଦ୍ଧି ବିନାୟକ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଅଭିନୟ, ଯୋଗ ଏକାଡ଼େମୀର ଶୁଭ ଉଦ୍‌ଘାଟନ ହୋଇଛି। ଡ. ଭଗବାନ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପୁରୁଷୋତ୍ତମ ପାତ୍ର, ମୁଖ୍ୟ ବକ୍ତା ଭାବେ ଯୋଗୀ କଲେଜର ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ରବିନ୍ଦ୍ର ଅଣ୍ଡିଆ, ଖବରଦାତା ଶାନ୍ତନୁ ମହାପାତ୍ର, ରାଜୀବ ରାୟ, ଅକ୍ଷୟ ବିଶ୍ୱାଳ, କାଳୀପଦ ପାଣିଗ୍ରାହୀ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳ ପିଲା ମାନଙ୍କର ନୃତ୍ୟ, ସଙ୍ଗୀତ ଯୋଗ, ଅଭିନୟ, ଚିତ୍ରକଳାର ଦକ୍ଷତା ବୃଦ୍ଧି ପାଇଁ ଏହି ଏକାଡ଼େମୀ ସହାୟକ ହୋଇପାରିବ ବୋଲି ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଏହି ଏକାଡେମୀ ପିଲାଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ଲୋପ ପାଇଯାଉ ଥିବା କଳାକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ଏକାଡ଼େମୀ ସ୍ଥାପିତ କରାଯାଇଛି ବୋଲି ମତପ୍ରକାଶ ପାଇଥିଲା। ଚିତ୍ତରଞ୍ଜନ ପତ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ନୃତ୍ୟ ଗୁରୁ ରାଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଭଗିରଥ ମହାନ୍ତି, ଚନ୍ମୟ କୁମାର ମହାନ୍ତି, ବନଲତା ପଣ୍ଡା, ସ୍ନେହ ଲତା ସାମନ୍ତରାୟ, ଅଞ୍ଜଳୀ ଖଟୁଆ, ତୃପ୍ତି ଲତା ମହାନ୍ତି, ରିଣ୍ଟୁ ପିଲା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୨୪ ଘଣ୍ଟା ପରେ ଶିଶୁକୁ ଫେରାଇଲେ ମହିଳା

ଜଳେଶ୍ୱର,୩୧।୩(ନବୀନ ସାହୁ)– ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ କୁଣ୍ଡୁଳି ଗ୍ରାମରେ ଥିବା ଇଟା ଭାଟିରୁ ନିଖୋଜ ଜଣେ ୩ ବର୍ଷର ଶିଶୁପୁତ୍ର ଉଦ୍ଧାର ହୋଇଛନ୍ତି। ନିଖୋଜ ଘଟଣାର ଚବିଶ ଘଣ୍ଟା ପରେ ଉକ୍ତ ଶିଶୁକୁ ଜଣେ ମହିଳ ଫେରାଇ ଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, କୁଣ୍ଡୁଳି ଗ୍ରାମ ଟାଟା ଇଟା ଭାଟିରେ ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର କାସରାଇ ମାରାଣ୍ଡି ଚଳିତବର୍ଷ ଇଟା ଭାଟିରେ କାମ କରିବା ପାଇଁ ସ୍ତ୍ରୀ ଓ ଦୁଇ ପୁଅଙ୍କୁ ନେଇ ଆସିଥିଲେ। ଶନିବାର ସକାଳ ୮ଟା ସମୟରେ କାସରାଇ ଏବଂ ତାଙ୍କ ସ୍ତ୍ରୀ ଖାଇବାକୁ ବସିଥିବା ବେଳେ ୩ ବର୍ଷର ବଡ ପୁଅ ହରି ଇଟା ଭାଟିରେ ଖେଳୁଥିଲା। ଖାଇ ସାରି କାସରାଇ ପୁଅକୁ ଖୋଜିଲା ବେଳକୁ ପାଇ ନ ଥିଲେ। ସ୍ଥାନୀୟ ରେଳ ଷ୍ଟେଶନ, ବସ୍ ଷ୍ଟାଣ୍ଡ ଏବଂ ଅନ୍ୟ କେତେକ ଜାଗାରେ ଖୋଜାଖୋଜି କରିଥିଲେ ମଧ୍ୟ ପୁଅକୁ ପାଇ ନ ଥିଲେ। ଏନେଇ ରବିବାର କାସରାଇ ରାଇବଣିଆ ଥାନାରେ ପୁଅ ନିଖୋଜ ହୋଇଯାଇଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଉକ୍ତ ଶିଶୁଙ୍କୁ ଜଣେ ମହିଳା ଛାଡ଼ିବା ପାଇଁ ଆସିଥିଲେ। ପୋଲିସ ଉକ୍ତ ମହିଳାଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

## ଆକ୍ରମଣରେ ଯୁବକଙ୍କ ମୃତ୍ୟୁ, ୭ ଗିରଫ

ବାହାନଗା,୩୧।୩(ଅରୂପ୍ କୁମାର ଦାସ)

ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତର ପାଟରା ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଗୁରୁତର ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଖନ୍ତାପଡ଼ା ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ରବିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୬୩୭/୨୪) ରୁଜୁ ହୋଇଛି। ମୃତ ଯୁବକ ହେଲେ ବାରିପଦା ସଦର ଥାନା ଅଧୀନ ଟିକରପଡା ଗ୍ରାମର ବିକ ସିଂଙ୍କ ପୁଅ ଜାଗରା। ମାନସିକ ବିକୃତ ଥିବା ଜାଗରା ଭୁବନେଶ୍ୱର ରେ ରହି କାମ କରନ୍ତି। ଗତ ୨୩ ତାରିଖରେ ସେ ଟ୍ରେନ୍ ଯୋଗେ ବାରିପଦାକୁ ଫେରୁଥିଲେ। ଟ୍ରେନ୍ ବରୁଣସିଂ ଷ୍ଟେଶନରେ ଅଟକିବାରୁ ସେ ଟ୍ରେନ୍‌ରୁ ଓହ୍ଲାଇ ଚାଲିଚାଲି ନିକଟସ୍ଥ ପାଟରା ଗ୍ରାମର ବାବୁ ପାତ୍ରଙ୍କ ଘର ଭିତରେ ପଶିଯାଇଥିଲେ। ବାବୁ ପାତ୍ରଙ୍କ ପରିବାର ଲୋକେ ତାଙ୍କୁ ଅଟକାଇବା ସହିତ ଗ୍ରାମର ଯୁବକମାନଙ୍କୁ ଡାକି ଗ୍ରାମ ମନ୍ଦିର ନିକଟକୁ ନେଇ ଯାଇ ସେଠାରେ ନିସ୍ଥୁକ ମାଡ଼ ମାରିଥିଲେ। ଖନ୍ତାପଡା ଥାନା ପୋଲିସ୍ ଖବରପାଇ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଜାଗରାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୯ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

## ରାଧିକ ୱାରିୟର୍ସ ଚାମ୍ପିୟନ



ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ସହ ମଞ୍ଚାସୀନ ଅତିଥିମାନେ।

ରୂପ୍‌ସା,୩୧।୩(ବାଞ୍ଛାନିଧି ଦେ)

### ଜେପିଏଲ୍ ସିଜନ୍–୧ ଉଦ୍‌ଯାପିତ

ବାଲେଶ୍ୱର ଜିଲା ବସ୍ତା ଥାନା କୁଳିଦା ପଞ୍ଚାୟତ ଅନ୍ତର୍ଗତ ଜୁଣବଳଦା ପଡ଼ିଆରେ ଆୟୋଜିତ ଜେପିଏଲ୍ ସିଜନ୍–୧ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଏସ୍‌ଆର୍ ଇଗଲ ଟିମ୍‌କୁ ୧୪ ରନରେ ପରାସ୍ତ କରି ରାଧିକ ୱାରିୟର୍ସ ଚଳିତବର୍ଷ ଚାମ୍ପିୟନ ହୋଇଛି।

ରାଧିକ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ୍ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଏସ୍‌ଆର୍ ଇଗଲ ୧୬୪ ରନ୍ କରି ପରାସ୍ତ ହୋଇଥିଲା। ଅମ୍ପେୟାର ସୁଧୀର କୁମାର ଦଳାଇ ଓ ବିଶ୍ୱଜିତ୍ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଅବକାରୀ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଜେଡି ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ସେନାପତି, ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ପୂର୍ବତନ ସରପଞ୍ଚ ସୁନିଲ କୁମାର ସେନାପତି, ନାଏବ ସରପଞ୍ଚ ଅରବିନ୍ଦ ପ୍ରଧାନ, ସାମାଜିକ କର୍ମୀ ଜୟକୃଷ୍ଣ ସେନାପତି, ୱାର୍ଡସଭ୍ୟା ନମିତା ଦେ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି କର୍ମକର୍ତ୍ତା ଜଗନ୍ନାଥ ଦେ, ଜିକୁ ସେନାପତି, ବିନୋଦ ଦଳାଇ, ଶିବୁ ଦଳାଇ, ଉପେନ୍ଦ୍ର ମହାନ୍ତି, ସିଣ୍ଟୁ ଦଳାଇ, ବବଲୁ ଦଳାଇ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## କୁଆପଥର ମାଡ଼ରେ ଉଜୁଡ଼ିଲା ରବି ଫସଲ

ଭୋଗରାଇ,୩୧।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ରବିବାର ସକାଳେ କାଳବୈଶାଖୀ ଯୋଗୁ କୁଆ ପଥର ମାଡ଼ରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଭୋଗରାଇରେ ଚଳିତ ବର୍ଷ ୧୪ ହଜାର ୭ ଶହ ହେକ୍ଟରରୁ ଅଧିକ ଜମିରେ ଅଧିକ ଅମଳକ୍ଷମ ରବିଧାନ ଚାଷ ହୋଇଛି। କୃଷି ବିଭାଗ ଉନ୍ନତ କିସମର ଅଧିକ ଅମଳକ୍ଷମ ବିହନ ଯୋଗାଇ ପାରି ନ ଥିଲା ବେଳେ ଚାଷୀମାନେ ଖୋଲା ବଜାରରୁ ଅଧିକ ଦରରେ ବିହନ କିଣି ଚାଷ କରିଛନ୍ତି। ରାସାୟନିକ ସାର, କୀଟନାଶକ ଔଷଧ,ମଜୁରୀ,ଟ୍ରାକ୍ଟର ଲଙ୍ଗଳ, ଜଳକର ଆଦିରେ ହେକ୍ଟର ପ୍ରତି ୭୫ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରିଛନ୍ତି। ଏବେ ଧାନ ଗଛରେ ଥୋଡ ଆସିଥିଲା ବେଳେ ଗଛ ପେଟରେ ଓ ଫୁଲ ଉଡାଇ ସାରିଥିବା କେଣ୍ଡାରେ ଜୋରରେ କୁଆପଥର ମାଡ ହୋଇଛି। ଫଳରେ ଅଧିକାଂଶ ଧାନ କେଣ୍ଡା ଶୁଖି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱ ଗାଁ ସମେତ ଭୋଗରାଇ ବ୍ଲକର ବିଭିନ୍ନ ଗାଁରେ ବ୍ୟାପକ ଭାବେ ପନିପରିବା ଚାଷ ହୋଇଥିଲା ବେଳେ ଏହି କୁଆପଥର ମାଡରେ କଖାରୁ,ଭେଣ୍ଡି,ବାଇଗଣ, ପୋଟଳ,ଜହ୍ନି,କଲରା,ଟମାଟୋ,ତରଭୁଜ, କାକୁଡି ଆଦି ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ କ୍ଷତି ପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

## ‘ସଂସ୍କାର ହିଁ ବିଦ୍ୟାର୍ଥୀଙ୍କ ଅସଲ ଧନ’

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରୂପସା,୩୧।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନଳବାହାର ଗୋଠଗଡ଼ିଆସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ରାଉତ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ସୁମନ୍ତ କୁମାର ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ହରପ୍ରସାଦ ମହାପାତ୍ର ଓ ରତିକାନ୍ତ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚକ୍ରଧର ଗୋଛାୟତଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡା. ଶରତ ଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ବିଶିଷ୍ଟ କବି କାଳିପଦ ପଣ୍ଡା ଯୋଗଦେଇ ଚରିତ୍ର ଓ ସଂସ୍କାର ହିଁ ବିଦ୍ୟାର୍ଥୀଙ୍କ ଅସଲ ଧନ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଅଭିନନ୍ଦନ ପତ୍ରିକାର ସମ୍ପାଦକ ଜଗଦୀଶ ମିଶ୍ର, ଶିକ୍ଷାବିତ୍ ରବୀନ୍ଦ୍ର ରାଉତ, ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ବିତ କୁମାର ଗୋଛାୟତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ଜୟକୃଷ୍ଣ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଜଗଦୀଶ ଜେନା, ସୁବାସ ଚନ୍ଦ୍ର ପାଣି, ସଞ୍ଜୟ କୁମାର ପରିଡ଼ା, ଗୁରୁମା ନିବେଦିତା ଜେନା, ଆରତୀ ଖଟୁଆ, ଦମୟନ୍ତୀ ମହାପାତ୍ର, ନମିତା ଗୋଛାୟତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଗୁରୁମା ରଶ୍ମି ସୋନାଲି ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆଜିଠୁ ପ୍ରସିଦ୍ଧ ଚୈତ୍ର ଚଡ଼କମେଳା

### ଚନ୍ଦନେଶ୍ୱର ଶୈବପୀଠ ଚଳଚଞ୍ଚଳ

ଭୋଗରାଇ,୩୧।୩(ପ୍ରଦୀପ ଦାସ)

ପୂର୍ବ ଭାରତର ଅନ୍ୟତମ ଶୈବପୀଠ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱ ପ୍ରସିଦ୍ଧ ଚୈତ୍ର ଚଡ଼କ ମେଳା ସୋମବାରଠାରୁ ଶୁଭାରମ୍ଭ ହେବ। ଭୋର ୪ଟାରୁ ହୁଗୁଳିଗ୍ରାମର କୁଳପାଉ ନ ଥିବା ଏହି ବିସ୍ମୟକର ଜଳଯନ୍ତ୍ର ଦେବତାଙ୍କ ଗର୍ଭ ଗର୍ଭରେ ମହା ରୁଦ୍ରାଭିଷେକ, ନୀତିକାନ୍ତି ପୂଜାପାଠରୁ ମହାଦେବଙ୍କୁ ଆରାଧନା କରାଯିବ। ଏଥି ନିମନ୍ତେ ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା ଅଜ୍ଞାମାଳ ନେଇ ଜୀଉଙ୍କ ଶ୍ରେଷ୍ଠଭକ୍ତ ପାଟଭକ୍ତ ହରିଶ ଚନ୍ଦ୍ର ସାହୁ ଓ ଦେଉଳିଆ ଅଜିତ ପାତ୍ର ଚନ୍ଦନେଶ୍ୱର ମହାଦେବଙ୍କଠାରେ ଉପବିତ ଧାରଣକରି ବ୍ରତପାଳନ କରିବେ। ଘଣ୍ଟା ବାଦ୍ୟ ସାହାନାଇ ଶଙ୍ଖନାଦ ଓ ବାବା ଚନ୍ଦନେଶ୍ୱରଙ୍କ ଧ୍ୱନିରେ ଚନ୍ଦନେଶ୍ୱର ପୀଠରୁ ସେବାୟତ, ପଣ୍ଡା, ଶୈବଭକ୍ତଙ୍କ ଏକ ବର୍ଣ୍ଣାଢ୍ୟ ଶୋଭଯାତ୍ରା ବାହାରି ବାଡ଼ସରିଷା ଗ୍ରାମରେ ପହଞ୍ଚିବ।



ଚନ୍ଦନେଶ୍ୱର ମନ୍ଦିର।

ସେଠାରେ ମୁରଲୀ ପ୍ରଧାନଙ୍କ ଘରବାଡ଼ିରେ ନିଖୁଣଭାବେ ଥିବା ପଡ଼ାବାଉଁଶକୁ ପୂଜାର୍ଚ୍ଚନା କରାଯାଇ କଟାଯିବା ପରେ ମନ୍ଦିରକୁ ଅଣାଯିବ ଓ ଜୀଉଙ୍କ ମନ୍ଦିରରେ ରଖାଯିବ।

ଅପରପକ୍ଷରେ ଚଳିତବର୍ଷ ଶ୍ରୀଶ୍ରୀ ମହାଦେବଙ୍କ ଚଇତି ଚଡ଼କ ପର୍ବ ଲାଗି ରାଜ୍ୟ ଓ ରାଜ୍ୟ ବାହାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଆଗମନ ସୂଚନା ମିଳିବାରୁ ଟ୍ରଷ୍ଟବୋର୍ଡ଼ ଓ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ଆଗମନ ଓ ପ୍ରସ୍ଥାନ ନିମନ୍ତେ ବିଜୁ ପଟ୍ଟନାୟକ ଗୋଲେଇଠାରୁ ବ୍ୟାରିକେଡ୍ କରାଯାଇଛି। ଚନ୍ଦନେଶ୍ୱର ମନ୍ଦିରକୁ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଥିବାବେଳେ ପାନୀୟଜଳ, ଶୌଚାଗାର, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପାର୍କିଂ, ଅଗ୍ନି ନିର୍ବାପନ ଓ ପରିବେଶ ପାରିଛନ୍ନତାକୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଉପବିତଧାରୀ ଶୈବ ଭକ୍ତଙ୍କ ସକାଶେ ୧୦ ଟଙ୍କା ଟିକେଟ ଧାର୍ଯ୍ୟ ରଖାଯାଇଥିବାବେଳେ ଶାନ୍ତି ଶୃଙ୍ଖଳା ପାଇଁ ମେଳା ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୀଉଙ୍କଠାରେ ମନସ୍କାମନା ପୂର୍ଣ୍ଣ ପାଇଁ ଅଧିଆ ପଡ଼ିବା ଲାଗି ଶତାଧିକ ମହିଳାଙ୍କ ସୁଅ ଛୁଟିଥିବା ଦେଖିବାକୁ ମିଳିଛି। ଆସନ୍ତା ୬ ତାରିଖରେ ୭ ଅର୍ଘ୍ୟ, ୮ରେ ୫ ଅର୍ଘ୍ୟ,୧୦ରେ ଜୀଉଙ୍କ କମାନା ବିବାହ, ୧୧ରେ ମହାନୀଳ ପର୍ବ ଓ ୧୨ ତାରିଖରେ ପ୍ରସିଦ୍ଧ ପାଟ ଉତ୍ସବ ହେବାକୁ ଥିବାରୁ ଚନ୍ଦନେଶ୍ୱର ଶୈବପୀଠ ଚଳଚଞ୍ଚଳ ହୋଇଛି।

## ସଂକ୍ଷେପରେ

### ରାଇରଙ୍ଗପୁର ବାର୍ ଆସୋସିଏଶନ ନିର୍ବାଚନ

#### ଅକ୍ଷୟ ସଭାପତି, ମନୋଜ ସମ୍ପାଦକ




ରାଇରଙ୍ଗପୁର,୩୧।୩(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଅକ୍ଷୟ କୁମାର ମହାନ୍ତି ଏବଂ ସମ୍ପାଦକ ଭାବେ ମନୋଜ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମାନଗୋବିନ୍ଦ ମହାନ୍ତ, ଯୁଗ୍ମସମ୍ପାଦକ ହରେକୃଷ୍ଣ ମହାକୁଡ଼, ସହସମ୍ପାଦିକା ବୈଜୟନ୍ତୀ ଦଳେଇ, କୋଷାଧ୍ୟକ୍ଷ ଶିଶୁପଦ ମହାନ୍ତ ଏବଂ ସହସମ୍ପାଦକ (ଲାଇବ୍ରେରୀ) ଭାବେ ଗୌରୀଶଙ୍କର ଦତ୍ତ ନିର୍ବାଚିତ ହୋଇଛନ୍ତି। ସେହିପରି ନିର୍ବାଚିତ ହୋଇଥିବା ୧୦ କାର୍ଯ୍ୟକାରୀ ସଦସ୍ୟ ହେଲେ ସର୍ବଶ୍ରୀ ଅମିତ କୁମାର ବୈଠା, ଭୋଳାନାଥ ମହାନ୍ତି, ଭୁଦେନ୍ଦ୍ର କୁମ୍ଭକାର, ଜଗନ୍ନାଥ ମହାନ୍ତ, ଭୂପେନ୍ଦ୍ର ଗିରି, ଲକ୍ଷ୍ମଣ ମାରାଣ୍ଡି, ନନ୍ଦରାଣୀ ହେମ୍ବ୍ରମ, ନିବେଦିତା ଗିରି, ଗୋପନାଥ ମିଶ୍ର ଏବଂ ସୁଶାନ୍ତ କୁମାର ମହାନ୍ତ। ଆଇନଜୀବୀ ରଘୁନାଥ ଦାସ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ।

### ସାଇ ମନ୍ଦିରର ବାର୍ଷିକ ଉତ୍ସବ

ଉଦଳା,୩୧।୩ (ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଅଧୀନରେ ଥିବା ଭୀମତାଳି ପୁରୁଣାପାଣିସ୍ଥିତ ହୃଦାନନ୍ଦ ବିହାର ଶିରିଡି ସାଇ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ତ୍ରି ଦିବସୀୟ ପ୍ରତିଷ୍ଠା ଦିବସ ଉତ୍ସବରେ ସାମୁହିକ ସାଇ ସତଚରିତ, ଗୁରୁ ଭାଗବତ ପାରାୟଣ ପାଠ, ଅଧିବାସ ଘଟୋତଳନ ଏବଂ ବିଶ୍ୱଶାନ୍ତି ଯଜ୍ଞ, ସନ୍ଧ୍ୟା ଆଳତୀ, ଶେଯ ଆଳତୀ ସକାଳେ କାକଡ଼ ଆଳତି, କଳସ ଶୋଭାଯାତ୍ରା, ମହାଭିଷେକ, ମଧ୍ୟାହ୍ନ ଆଳତୀ, ପ୍ରସାଦ ସେବନ, ଯଜ୍ଞ ପୂର୍ଣ୍ଣାହୁତି ଆଦି ବିଭିନ୍ନ ପୂଜାର୍ଚ୍ଚନା ନୀତିକାନ୍ତି ଅନୁଯାୟୀ ସମ୍ପନ୍ନ ହୋଇଛି। ଉତ୍ସବକୁ



ଶିରିଡି ସାଇ ଧାମ ଟ୍ରଷ୍ଟ ପରିବାରର ସମସ୍ତ ସଦସ୍ୟ ଓ ଶୁଭେଚ୍ଛୁ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଣ୍ଡା ଏବଂ ସମ୍ପାଦକ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଶେଷ ହୋଇଥିବା ଜଣାପଡ଼ିଛି।

# ଟିକେଟ ଘୋଷଣା ପୂର୍ବରୁ ବିଦ୍ରୋହର ସ୍ୱର

## ଗଣେଶ୍ୱରଙ୍କୁ ନେଇ ବଢୁଛି ଅସନ୍ତୋଷ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବେତନଟୀ, (ଧରଣୀଧର ମହାନ୍ତି),୩୧।୩

ମୟୂରଭଞ୍ଜ ଜିଲାର ଏକମାତ୍ର ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ବଡ଼ସାହି ନିର୍ବାଚନ ମଣ୍ଡଳୀ ଲାଗି ବିଜେଡି ପ୍ରାର୍ଥୀ ଘୋଷଣା ପୂର୍ବରୁ ବିଦ୍ରୋହର ସ୍ୱର ଉଠିଛି। ବିଜେଡିର ଏକ ଗୋଷ୍ଠୀ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ବିରୋଧ କରି ବେତନଟୀ ଧର୍ମଶାଳାରେ ଏକାଠି ହୋଇଛନ୍ତି। ଗଣେଶ୍ୱର କିମ୍ବା ତାଙ୍କ ପରିବାରର କାହାକୁ ଯଦି ବିଜେଡି ଟିକେଟ ମିଳେ ତେବେ ଜୋରଦାର ବିରୋଧ କରାଯିବ ବୋଲି ବୈଠକରେ ଯୋଗଦେଇଥିବା ଅସନ୍ତୁଷ୍ଟ ନେତାମାନେ ଚେତାବନୀ ଦେଇଛନ୍ତି। ସମସ୍ତେ ମିଳିମିଶି ତାଙ୍କୁ ହରାଇବା ପାଇଁ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି।

ଏଥିସହ ବିଭିନ୍ନ ପଞ୍ଚାୟତ ସଭାପତି, ପ୍ରାକ୍ତନ ପଞ୍ଚାୟତ ସଭାପତି ତଥା ସକ୍ରିୟ କାର୍ଯ୍ୟକର୍ତ୍ତା ଯୋଗଦେଇ ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ପରିମାଣରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ନେଇ ଆଲୋଚନା କରିଥିଲେ। ବିଜୁ ଜନତା ଦଳର ଜିଲା ଏବଂ ରାଜ୍ୟସ୍ତରୀୟ ନେତୃବୃନ୍ଦ ତୃଣମୂଳସ୍ତରରୁ



ବେତନଟୀ ଧର୍ମଶାଳାଠାରେ ଆୟୋଜିତ ବୈଠକରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତା।

ଆଲୋଚନା କରାଯାଇ ନୂଆ ମୁହଁ ପ୍ରାର୍ଥୀ ନିର୍ଦ୍ଧାରଣ କଲେ ଦଳୀୟ ଏକତା ବଜାୟ ରହିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ମୃତ୍ୟୁଞ୍ଜୟ ମିଶ୍ର, ଜ୍ୟୋତିକାନ୍ତ ସାମଲ, ପୁରୁଷୋତ୍ତମ ପଣ୍ଡା, ରବି ଧଳ, ରାଜକିଶୋର ଆଚାର୍ଯ୍ୟ, ରାଜୁ ନାଏକ, ପ୍ରମୋଦ ପାଢ଼ୀ, ସୁଶାନ୍ତ ବଳା, ସନ୍ତୋଷ ଜେନା ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଅସନ୍ତୁଷ୍ଟ ନେତାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୪ରେ ଗଣେଶ୍ୱର ବିଧାୟକ ହେବା ପରେ ଦଳର ପୁରୁଖା ନେତାମାନଙ୍କୁ ଅଣଦେଖା କରି ଏକ ଘରକିଆ କରିବା ଭଳି ପରିସ୍ଥିତି ଉପୁଯାଇଥିଲେ। ଫଳସ୍ୱରୂପ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ଶୋଚନୀୟ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିବା ପରେ ମଧ ଦଳୀୟ ନେତୃବୃନ୍ଦ ଏହାର ସମାଧାନ କରିବାରେ ସଫଳ ହୋଇପାରୁ ନାହାନ୍ତି। ମାତ୍ର କିଛି ଦିନ ପୂର୍ବରୁ ଗଣେଶ୍ୱର ନବୀନ ନିବାସ ଯାଇ ଫେରି ଆସିବା ପରେ ତାଙ୍କୁ ଦଳ ପକ୍ଷରୁ ପୁନଶ୍ଚ ଟିକେଟ ମିଳିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଥାଉକି, କିଛି ଦିନ ପୂର୍ବରୁ ବେତନଟୀ ଉପକଣ୍ଠ ଆମ୍ବଯୋଡାଠାରେ ବଡ଼ସାହି ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଳରେ ବେତନଟୀ ଏବଂ ବଡସାହି ବ୍ଲକ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଛାମୁଆ ନେତା ଯୋଗଦେଇ ଗଣେଶ୍ୱରଙ୍କୁ ବିରୋଧ କରିଥିଲେ। ଅନୁରୂପ ବଡ଼ସାହିର ସାମାଜିକ ସେବା ସଦନ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ବିରୋଧ ପ୍ରଦର୍ଶନ କରିଥିଲେ। ଯେଉଁଠି କି ମହାପ୍ରସାଦ ଧରି ଗଣେଶ୍ୱରଙ୍କ ବିରୋଧରେ ଏକଜୁଟ ହେବାକୁ ଶପଥ ନେଇଥିଲେ। ଏହା ପରେ ଅସନ୍ତୁଷ୍ଟଙ୍କ ସହିତ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଲୋଚନା କରିଥିଲେ ମଧ କୌଣସି ସାମାଧାନର ସୂତ୍ର ନ ବାହାରିବାରୁ ଏକ ପ୍ରତିନିଧି ଦଳ ନବୀନ ନିବାସରେ ପହଞ୍ଚି ଆଲୋଚନା କରିଥିଲେ।

## ୪ର୍ଥ ମ୍ୟାଚ୍‌ରେ ଜିତିଲା ଟିମ୍-ସି

### ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳି।

ବାରିପଦା,୩୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମଧୁବନ ମିନିଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିନର ମ୍ୟାଚ୍‌ରେ ଟିମ୍-ସି ଟିମ୍-ଇକୁ ୬ ଉଇକେଟରେ ହରାଇଛି। ପ୍ରଥମେ ବ୍ୟାଟିଂ କରି ଟିମ-ଇ ୩୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ୍ କରିଥିଲା। ଦଳ ପକ୍ଷରୁ ସୁରଜିତ ଦେଓ ୪୦, ଅଂଶ ଅଗ୍ରୱାଲ ଏବଂ ଅବିନାଶ ଦାସ ୩୦ ରନ୍ ଲେଖାଏ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦପ୍ତାଂଶୁ ରାଜ ବେହେରା ୩ଟି ଉଇକେଟ୍ ଅକ୍ତିଆର କରିଥିଲେ।

ଜବାବରେ ଟିମ୍-ସି ୨୨.୧ ଓଭରରେ ୪ଟି ଉଇକେଟ ହରାଇ ୨୦୬ ରନ୍ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ସୁରାଇ ହେମ୍ବ୍ରମ ୯୭ ଓ ଅଂଶୁମାନ ଗିରି ୪୬ ରନ୍ କରିଥିଲେ। ଖେଳ ପରିଚାଳନା କରିଥିଲେ ଦିଲୀପ ଦାସ ଓ ଅମିତାଭ ପଟ୍ଟନାୟକ। ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ବରିଷ୍ଠ ସଭ୍ୟ ମଳୟ ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ନିଆରା ପର୍ବ ଦିଶମ ଜାହେରା ବାହାବଙ୍ଗା



ଆଦିବାସୀ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଖୁଣ୍ଟା, ୩୧।୩ (ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଡୁକୁରା ନିକଟରେ ଥିବା ଶାଳ ଜଙ୍ଗଲରେ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ନିଆରା ପର୍ବ ଦିଶମ ଜାହେରା ବାହାବଙ୍ଗା ପାଳନ କରାଯାଇଛି। ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଏହି ପାରମ୍ପରିକ ପୂଜାରେ ଯୋଗ ଦେଇଥିଲେ। ଶାଳ ଜଙ୍ଗଲରେ ଥିବା ଆଦିବାସୀ, ସାନ୍ତାଳ ସମ୍ପ୍ରଦାୟର ପୂଜାସ୍ଥଳୀ ବା ଜାହିରା ପୀଠରେ ଏହି ପର୍ବ ପାଳନ କରାଯାଇଥିଲା। ପ୍ରକୃତିର ଉପାସକ ଭାବେ ପରିଚିତ ଥିବା ସମ୍ପୃକ୍ତ ସମ୍ପ୍ରଦାୟର ଲୋକେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରନ୍ତି। ଜଙ୍ଗଲରୁ ଶାଳପତ୍ର, ମହୁଲ ଫୁଲ, ଜଙ୍ଗଲ ଜାତ ବିଭିନ୍ନ ଦ୍ରବ୍ୟ ଆଦି ସଂଗ୍ରହ କରି ଆବଶ୍ୟକତା ଗୁଜୁରାଣ ମେଣ୍ଟାଇଥାନ୍ତି। ଏଥିପାଇଁ ସଂଗ୍ରହ କରିବାକୁ ଜଙ୍ଗଲକୁ ଯିବା ପୂର୍ବରୁ ପାରମ୍ପରିକ ପ୍ରଥା ଅନୁଯାୟୀ ଜାହିରାଶାଳରେ ନିଜର ଇଷ୍ଟ ଦେବଦେବୀଙ୍କ ନିକଟରେ ପ୍ରଥମେ ସମର୍ପଣ କରିବା ସହ ଶାଳଗଛର ପୂଜା କରିବା ପରମ୍ପରା ରହିଆସିଛି। ମାନବ ଜାତିର କଲ୍ୟାଣ, କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କାମନା କରି ଜଙ୍ଗଲ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୀଠ ସ୍ଥଳରେ କୁକୁଡ଼ା, ଛେଳି ବଳି ଦିଆଯାଏ। ଯାହାଦ୍ୱାରା ଜଙ୍ଗଲରେ କୌଣସି ଅଘଟଣ ହେବାର ଆଶଙ୍କା ନ ଥାଏ। ପ୍ରକୃତି ଦେବୀ ସନ୍ତୁଷ୍ଟ ହେଲେ ଚାଷ ପାଇଁ ପାଣିର ଅଭାବ ରହି ନ ଥାଏ ବୋଲି ବିଶ୍ୱାସ ମଧ ରହିଛି। ଉତ୍ସବର ଆରମ୍ଭରେ ଜାହିରା ଶାଳର ପୂଜକଙ୍କୁ ପାରମ୍ପରିକ ରୀତିନୀତିରେ ଧୁମ୍‌ସା ମାଦଳ ବଜାଇ ନାଚଗୀତ ମାଧମରେ ପୂଜା ସ୍ଥଳୀକୁ ନିମନ୍ତ୍ରଣ କରି ଅଣାଯାଇଥିଲା। ପୂଜାବିଧି ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ପୂଜକଙ୍କ ନିକଟରୁ ପୂଜାରେ ଲଗାଯାଇଥିବା ଶାଳଗଛର ନୂତନ ଫୁଲ ଗ୍ରହଣ କରିଥିଲେ। ମହିଳାମାନେ ଏହାକୁ ଖୋସାରେ ଏବଂ ପୁରୁଷମାନେ କାନରେ ପରସ୍ପରକୁ ଫୁଲ ଲଗାଇ ନାଚଗୀତରେ ମସଗୁଲ ହୋଇ ପର୍ବର ଆନନ୍ଦ ଉଠାଇଥିବା ଦେଖିବାକୁ ମିଳିଥିଲା।

### ଥାନାରେ ୭ ଜଣ ବନ୍ଧୁକ ଜମା ଦେଲେ

ବୈଶିଙ୍ଗା,୩୧।୩(ରତନ ଦାଶ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ପକ୍ଷରୁ ସାଧାରଣ ନିର୍ବାଚନରେ ଆଇନ ଶୃଙ୍ଖଳା କଡ଼ାକଡ଼ି କରିବା ଲକ୍ଷ୍ୟରେ ତନାଘନା ଆରମ୍ଭ କରିଦେଇଛି। ଥାନା ଅଞ୍ଚଳରେ ଲାଇସେନ୍ସ ପ୍ରାପ୍ତ ୮ ଜଣ ବନ୍ଧୁକଧାରୀଙ୍କୁ ନିର୍ବାଚନ ପ୍ରକ୍ରିୟା ଶେଷହେବା ପର୍ଯ୍ୟନ୍ତ ବନ୍ଧୁକ ଜିମା ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୭ ଜଣ ବନ୍ଧୁକ ଜିମା ଦେଇ ସାରିଛନ୍ତି। ଅନ୍ୟ ଜଣେ ପ୍ରତିରକ୍ଷା ବାହିନୀରେ କାର୍ଯ୍ୟରତ ଥିବା ଯୋଗୁ ତାଙ୍କୁ ପ୍ରକ୍ରିୟାରୁ ବାଦ ଦିଆଯାଇଥିବା ଥାନା ଅଧିକାରୀ ତପନ ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସମସ୍ତ ସମ୍ବେଦନଶୀଳ ବୁଥଗୁଡ଼ିକ ଉପରେ ନଜର ରଖିବା ସହ ରାତ୍ରକାଳୀନ ପାଟ୍ରୋଲିଂ, ଯାନବାହାନ ଯାଞ୍ଚ, ଅସାମାଜିକ ଓ ନିଶା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ୩ ପୋଲିସ ଚେକପୋଷ୍ଟ ସ୍ଥାପନ କରିବାକୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା ଜଣାଯାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ରାଇରଙ୍ଗପୁର,୩୧।୩(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ବରିଷ୍ଠ ସାମାଜିକର୍ମୀ ତଥା ସ୍ଥାନୀୟ ଯୁବ କଂଗ୍ରେସ ସମ୍ପାଦକ ରୂପକ ମହାନ୍ତିଙ୍କ ବାପା କୁଞ୍ଜବିହାରୀ ମହାନ୍ତି (୭୫)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କିଡ୍‌ନୀ ଏବଂ ହୃତ ଜନୀତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶର୍ଯ୍ୟା ନିକଟରେ ସ୍ତ୍ରୀ ସରୋଜିନୀ, ୨ ପୁଅ ଦୀପକ, ରୂପକଙ୍କ ସମେତ ପୁତ୍ର ବଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳୀୟ ନେତୃବୃନ୍ଦ ସହରାଞ୍ଚଳସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାଇରଙ୍ଗପୁର ଉପଖଣ୍ଡ ଖଡ଼ଖାଇ ନଦୀ ପାର୍ଶ୍ୱ ସତୀ କୁଦର ଶ୍ମଶାନ ଘାଟରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି। ବଡ଼ ପୁଅ ଦୀପକ ମୁଖାଗ୍ନି ଦେଇଥିଲେ।

IDEAL PUBLIC SCHOOL
BALIAPAL, BALASORE
IDEAL PUBLIC SCHOOL, Baliapal invites application for the post of **Teacher in English**. Candidates with BA (English Hons.), M.A. in English may apply and candidate having CBSE back ground is preferred. Salary negotiable.
**E-mail: idealpublicschool97@gmail.com**
**Mob.: 9437533468, 7008246766**

### 'ଆତ୍ମବିଶ୍ୱାସ ଜାଗ୍ରତ କରୁଥିବା ବ୍ୟକ୍ତି ହିଁ ଆଦର୍ଶ ଶିକ୍ଷକ'

ଗୋପବନ୍ଧୁ ନଗର,୩୧।୩ (ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଜୟପୁର ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପୁରାତନ ଛାତ୍ର ସଂସଦର ସଭାପତି ଅଜିତ ମହାନ୍ତିଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥିଭାବେ ଆରଡିଏସ କଲେଜର ଅଧାପକ ଦିଲ୍ଲୀପ ପରମାଣିକ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଦିଲ୍ଲୀପ ନାୟକ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବରୋଜ ରାଜ, ଜୟପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ପ୍ରିୟବ୍ରତ ବାରିକ, ପୁରାତନ ଛାତ୍ର ସଂସଦର ସମ୍ପାଦକ ଦିପ୍ତୀକାନ୍ତ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ରାଜ ଯୋଗଦେଇ ଛାତ୍ର ମନରେ ଆତ୍ମ ବିଶ୍ୱାସ ଜାଗ୍ରତ କରୁଥିବା ବ୍ୟକ୍ତି ହିଁ ଆଦର୍ଶ ଶିକ୍ଷକ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅବସରପ୍ରାପ୍ତ ରବିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବାଶିଷ ପାତ୍ର, ବିଶିଷ୍ଟ ଅତିଥିଭାବେ ଅବସରପ୍ରାପ୍ତ ଡ. ଭାଗବତ ବେହେରା, ମୁଖ୍ୟ ବକ୍ତାଭାବେ କାଳିଚରଣ ପଣ୍ଡା, ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ ବରାଳ, କରୁଣାକର ମହାପାତ୍ର, ଜଗଦୀଶ ମିଶ୍ର, ମଣ୍ଟୁ ସାସମଲ, ହାସ୍ୟଅଭିନେତା ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତତ୍ତ୍ୱ ପ୍ରକାଶ ଶତପଥୀ (ପପୁ ପମ ପମ) ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ବିଦ୍ୟାଳୟ ପ୍ରତି ଅବଦାନ ଥିବା ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ରଜତ ପଣ୍ଡାଙ୍କ ପ୍ରଚେଷ୍ଟାରେ ପ୍ରକାଶିତ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ଗୌରୀ ଶଙ୍କର ସଭାପତି, ଅଜୟ ଉପସଭାପତି

## ମୋଟର କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

ଉଦଳା,୩୧।୩ (ସନ୍ତୋଷ କୁମାର ବାଛିନୀ)



ନୂତନ ସଭାପତି, ଉପସଭାପତି ଓ ଅନ୍ୟମାନେ।

ଉଦଳା ମୋଟର କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିମନ୍ତେ ରବିବାର ସଂଘ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ସହମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇ ନାମ ଘୋଷଣା କରାଯାଇଥିଲା। ନୂତନ ସଭାପତି ଭାବେ ଗୌରୀ ଶଙ୍କର ବେହେରା, ଉପସଭାପତି ଅଜୟ ପାତ୍ର, ସାଧାରଣ ସମ୍ପାଦକ ହରିଶ ଚନ୍ଦ୍ର ଦାସ, ଷ୍ଟାଣ୍ଡ ସମ୍ପାଦକ ମନୋରଞ୍ଜନ ମହାନ୍ତି, ସହ ସମ୍ପାଦକ ରାଜେନ୍ଦ୍ର ବିଶ୍ୱାଳ ଏବଂ ଅମୂଲ୍ୟ ନାଏକଙ୍କ ନାମ ଘୋଷଣା କରାଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ସୋମନାଥ ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ସଂଘର ଆଇନ ପରାମର୍ଶଦାତା ବସନ୍ତ କୁମାର ପରିଡା ଏବଂ ଉପଦେଷ୍ଟା ଭାବେ ହିମାଦ୍ରି ଶେଖର ପାଲଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ଭଗବାନ ବେହେରା, ଦିଲୀପ ରାଉତ, ରବିନ୍ଦ୍ର ପରିଛା ଓ ଅଶୋକ ଭୂୟାଁ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଥିବା ସଂଘର ଆଇନ ପରାମର୍ଶଦାତା ଘୋଷଣା କରିଛନ୍ତି। ସଂଘର ଆଇନ ପରାମର୍ଶଦାତାଙ୍କ ପରିଚାଳନାରେ ଜିଲା ପରିବହନ କର୍ମଚାରୀ ସଂଘର ସଭାପତି ରଘୁନାଥ ପଣ୍ଡା, ବଣିକ ସଂଘର ସଭାପତି ରବିନ୍ଦ୍ର ପରିଡ଼ା, ଘରୋଇ ବସ୍ ମାଲିକ ସଂଘର ସମ୍ପାଦକ ହର ପ୍ରସାଦ ଦାସ, ସରୋଜ ସାମଲ, କମଳାକାନ୍ତ ରଣା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୂର୍ବତନ ସଭାପତି ମହେଶ୍ୱର ମହାନ୍ତିଙ୍କର ବିୟୋଗ ହୋଇଯାଇଥିବାରୁ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲାର ଆଇନ ପରାମର୍ଶଦାତା ରବି ଗୋସ୍ୱାମୀ କର୍ମଚାରୀଙ୍କ ବାସ୍ତବ ସମସ୍ୟାକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମୋଟର କର୍ମଚାରୀମାନଙ୍କର ସାମାଜିକ, ଆର୍ଥିକ ସୁରକ୍ଷା ଓ ବୃତ୍ତିଗତ ଆତ୍ମ ସମ୍ମାନ ସମ୍ପର୍କରେ କିଭଳି କର୍ମଚାରୀମାନଙ୍କୁ ସୁଦୃଢ କରାଯାଇପାରିବ ସେ ନେଇ ସଂଘର କର୍ମକର୍ତ୍ତାମାନେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲିକ ସଂଘର ସଦସ୍ୟ କାବୁଲି ବାରିକ, ଟ୍ୟାକ୍ସି ସଂଘର ସଭାପତି ସୁକାନ୍ତ ମହାନ୍ତି, ଅଟୋ ସଂଘ ସଭାପତି ଲକ୍ଷ୍ମଣ ମହାପାତ୍ର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଯାଞ୍ଚ ପାଇଁ ଜିଲାସ୍ତରୀୟ କମିଟି

ବାରିପଦା,୩୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବାକୁ ଜିଲାସ୍ତରୀୟ ଗଣମାଧ୍ୟମ ପ୍ରମାଣ ଏବଂ ଯାଞ୍ଚ କମିଟି ବା ମି ସାର୍ଟିଫିକେଶନ ଆଣ୍ଡ ମନିଟରିଂ ସେଲ୍ (ଏମ୍‌ସିଏମ୍‌ସି) ଗଠନ କରାଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏମ୍‌ସିଏମ୍‌ସି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ସମ୍ମିଳନୀ କକ୍ଷଟି ଜିଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ଭାବେ କାର୍ଯ୍ୟ କରୁଛି। ଏହି ସେଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜନୈତିକ ବିଜ୍ଞାପନର ପ୍ରାକ୍ ପ୍ରମାଣନ, ଦେୟ ପ୍ରଦାନ କରାଯାଇଥିବା ଖବର ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧ୍ୟମ ଦ୍ୱାରା ହେଉଥିବା ଉଲ୍ଲଂଘନ ଉପରେ ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରିବ। ଯେକୌଣସି ପଞ୍ଜୀକୃତ ରାଜନୈତିକ ଦଳ, ଗୋଷ୍ଠୀ ସଙ୍ଗଠନ, ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମ ସମେତ ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ଏହି କମିଟିର ମଞ୍ଜୁରୀ ଆବଶ୍ୟକ। ପ୍ରାର୍ଥୀମାନଙ୍କର ପ୍ରାକ୍ ସାର୍ଟିଫିକେଶନ ଆବେଦନକୁ ଜିଲାସ୍ତରୀୟ ଏମ୍‌ସିଏମ୍‌ସି କମିଟି ଗ୍ରହଣ କରୁଥିବା ବେଳେ ପଞ୍ଜୀକୃତ ରାଜନୈତିକ ଦଳଗୁଡ଼ିକର ଆବେଦନ ରାଜ୍ୟସ୍ତରୀୟ ଏହି କମିଟି ଗ୍ରହଣ କରିବ। ପ୍ରତ୍ୟେକ ପଞ୍ଜୀକୃତ ଦଳ କିମ୍ବା ପ୍ରାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ନିର୍ଦ୍ଧାରିତ ୩ ଦିନରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବାକୁ ପଡ଼ିବ। ଅଣପଞ୍ଜୀକୃତମାନଙ୍କ ପାଇଁ ଏହା ୭ ଦିନରୁ ଅଧିକ ଦିନ ପୂର୍ବରୁ ଆବେଦନ କରିବା ଆବଶ୍ୟକ। ବିଜ୍ଞାପନର ପ୍ରାକ୍ ସାର୍ଟିଫିକେଶନ ଲାଗି ୨ଟି ନକଲ ବୈଦ୍ୟୁତିକ ଆକାରରେ ଏବଂ ଉପଯୁକ୍ତ ଆଟେସଟେଡ ଟ୍ରାନସ୍କ୍ରିପ୍ଟ , ଉତ୍ପାଦନ ଖର୍ଚ୍ଚ, ଟିଭି କିମ୍ବା କେବୁଲ ନେଟୱର୍କରେ ପ୍ରସାରଣର ଆନୁମାନିକ ମୂଲ୍ୟ ଏବଂ କେତେଥର ପ୍ରସାରଣ ହେବ ତାହାର ତାଲିକା ଦେବାକୁ ପଡ଼ିବ। କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଜ୍ଞାପନ ଜାରି କଲେ, ସେହି ବ୍ୟକ୍ତି ସପକ୍ଷରେ କହିବେ ଯେ ଏହା କୌଣସି ଦଳ କିମ୍ବା ପ୍ରାର୍ଥୀଙ୍କ ହିତ ପାଇଁ ନୁହେଁ ଏବଂ ସେମାନଙ୍କ ଦ୍ୱାରା ପ୍ରାୟୋଜିତ କିମ୍ବା କାର୍ଯ୍ୟକ୍ଷମ କିମ୍ବା ପ୍ରଦାନ କରାଯାଇ ନାହିଁ। ସମସ୍ତ ଦେୟ ଚେକ୍ କିମ୍ବା ଡ୍ରାଫ୍ଟ ମାଧ୍ୟମରେ ହେବ ବୋଲି ଏକ ବିବୃତ୍ତି କିମ୍ବା ଘୋଷଣାନାମା ଦେବେ।

## ସାଧାରଣ ନିର୍ବାଚନ

ଲୋକ ସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ୯୫ ଲକ୍ଷ ହୋଇଥିବା ବେଳେ ବିଧାନସଭା ପାଇଁ ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ତାରିଖଠାରୁ ନିର୍ବାଚନ ଫଳାଫଳ ଯାଏ ତାଙ୍କ ଦ୍ୱାରା କିମ୍ବା ନିର୍ବାଚିତ ଏଜେଣ୍ଟ ଦ୍ୱାରା ହୋଇଥିବା ଖର୍ଚ୍ଚର ହିସାବ ରଖିବା ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକ ବିଧାନସଭା କ୍ଷେତ୍ର ପାଇଁ ୭୫ ଦିନ ଏବଂ ଲୋକସଭା ପାଇଁ ୯୦ ଦିନ ମଧ୍ୟରେ ଖର୍ଚ୍ଚ ବିବରଣୀ ପ୍ରଦାନ କରିବେ। ମୁଦ୍ରିତ ଗଣମାଧ୍ୟମରେ କୌଣସି ବିଜ୍ଞାପନ ପ୍ରାର୍ଥୀଙ୍କ ଅସହମତିରେ ପ୍ରକାଶିତ ହୋଇଥିଲେ ଆଇପିସି ଧାରା ୧୭୧ (ଏଚ୍) ଉଲ୍ଲଂଘନ ପାଇଁ ପ୍ରକାଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ନିର୍ବାଚନୀ ପାମ୍ପଲେଟ, ପୋଷ୍ଟର, ବ୍ୟାଙ୍କ ବିଲ୍ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ମୁଦ୍ରାକରଙ୍କ ନାମ, ଠିକଣା ଓ ମୁଦ୍ରିତ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ପାଇବା ବାଧ୍ୟତାମୂଳକ। ନାମାଙ୍କନ ପତ୍ରରେ ପ୍ରାର୍ଥୀ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କରେ ମଧ ଲେଖିବା ଆବଶ୍ୟକ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏମ୍‌ସିଏମ୍‌ସିର ଦାୟିତ୍ୱ ପ୍ରତିନିଧି ଜିଲାପାଳ ଡ.ଶୁଭଙ୍କରୀ ସୁଦେଶନା ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କୁ ମିଳିଥିବା ବେଳେ ସାରିକା ପ୍ରଜାପତି, ରଶ୍ମିରଞ୍ଜନ ମହାନ୍ତ, ସସ୍ମିତା ମଞ୍ଜରୀ ମହାନ୍ତ, ମମତା ମଞ୍ଜରୀ ଦଳନାୟକ, ଲଳିତରଞ୍ଜନ ନାଏକ ପ୍ରମୁଖ ସହଯୋଗ କରୁଛନ୍ତି।

**ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ**

ରାମଚନ୍ଦ୍ରପୁର,(ଗଣେଶର ସା): କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ହୋଇଛି। ଘସିପୁରା ବ୍ଲକ୍ ବାତୋ ବଜାର ସ୍ଥିତ ସମବାୟ ବ୍ୟାଙ୍କ ସମ୍ମୁଖରେ ସରକାରୀ ହୋର୍ଡିଂ ରହିଥିବା ବେଳେ ବାତୋ ପଞ୍ଚାୟତ ପରମାନନ୍ଦପୁର ତିନି ମୁହାଣି ଓ ମଦନପୁର ପଞ୍ଚାୟତ ପଥରପଦା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ସରକାରୀ ହୋର୍ଡିଂ ଲାଗିଛି। ଏହି ବିଷୟରେ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନି ମାଝୀଙ୍କୁ ପଚାରିବାରୁ ଖୁବଶୀଘ୍ର ହୋର୍ଡିଂ ହଟାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ନୂତନ ପଞ୍ଜିକାରେ ତ୍ରୁଟି

ହାଟଡ଼ିହୀ,୩୧।୩(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ହେଉଥିବା ନୂତନ ଓଡ଼ିଆ ବିରଜା ପଞ୍ଜିକା(୨୦୨୪-୨୦୨୫ ବର୍ଷ)ରେ ତ୍ରୁଟି ପରିଲକ୍ଷିତ ହୋଇଛି। ପଞ୍ଜିକାର ୭ ନମ୍ବର ପୃଷ୍ଠାରେ ବୃହସ୍ପତି ଗ୍ରହ ଓଡ଼ିଆ ମାସ ବୈଶାଖ ଦିନ ୨୦ ଅର୍ଥାତ ଇଂରାଜୀ ମାସ ୨୦ ମଇ ୨୦୨୪ରେ ବୃଷ ରାଶିକୁ ଚଳନ(ସଞ୍ଚାର)ହେବେ ବୋଲି ଉଲ୍ଲେଖ ରହିଛି। କିନ୍ତୁ ୩୦ ନମ୍ବର ପୃଷ୍ଠାରେ ୨ ମଇ ୨୦୨୪ରେ ବୃହସ୍ପତି ଗ୍ରହ ଚଳନ ହେବେ ବୋଲି ଉଲ୍ଲେଖ ରହିଛି। ବୃହସ୍ପତି ଗ୍ରହ ଚଳନ ଫଳରେ ବିଛା ରାଶିକୁ ଶୁଭ ଏବଂ ମଧ୍ୟମ ୨ ପ୍ରକାରର ଫଳ ମିଳିବ ବୋଲି ୨ ଥର ଉଲ୍ଲେଖ ରହିଛି। ସେହିପରି କୁମ୍ଭ ଏବଂ ମୀନ ରାଶିକୁ କି ପ୍ରକାରର ଫଳ ମିଳିବ ତାହା ଉଲ୍ଲେଖ ହୋଇନି। ଏପରି ତ୍ରୁଟିକୁ ନେଇ କେଉଁଟା ଠିକ ଏବଂ କେଉଁଟା ଭୁଲ ଜଣାପଡୁନାହିଁ। ବିରଜା ପଞ୍ଜିକାର ଗଣନାକାର ପଣ୍ଡିତ ଭାଗବତ ପ୍ରସାଦ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ଏପରି ତ୍ରୁଟିକୁ ସେ ସ୍ୱୀକାର କରି ଅନିଚ୍ଛାକୃତ ତ୍ରୁଟି ବୋଲି କହିଥିଲେ। ତ୍ରୁଟି ସଂଶୋଧନ କରି ପଢିବାକୁ ପ୍ରତିକ୍ରିୟାରେ କହିଥିଲେ। ସୂଚନା ଯୋଗ୍ୟ, ଇଂରାଜୀ ମାସ ଅପ୍ରେଲ ୧୩ ତାରିଖ ମହାବିଷୁବ(ପଣା) ସଂକ୍ରାନ୍ତି ପଡୁଛି। ଏହି ଦିନ ବି ହନୁମାନ ଜୟନ୍ତୀ ପାଳନ ହୁଏ। ଓଡ଼ିଆ ମାସ ହିସାବରେ ଏହି ଦିନଟିକୁ ବୈଶାଖ(ମେଷ) ମାସର ପ୍ରଥମ ଦିନ ବା ଓଡ଼ିଆ ନବବର୍ଷ ଆରମ୍ଭ ବୋଲି କୁହାଯାଏ। ଏହି ଦିନରୁ ନୂତନ ପଞ୍ଜିକା ବ୍ୟବହାର ହୁଏ।

### ଅଭିଯୋଗର ୫ ଦିନ ପରେ ବି ପୋଲିସ ହାତ ଖାଲି

#### ଷ୍ଟେଶନ ରୋଡ୍‌ରେ ଯୁବକଙ୍କୁ ହତ୍ୟା ଘଟଣା

ବଡ଼ବିଲ,୩୧।୩(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ୍‌ରେ ରହୁଥିବା ରାଜେଶ ସୁଣ୍ଡିଙ୍କୁ ଗତ ମଙ୍ଗଳବାର ହୋଲି ଦିନ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ହେଁ ୫ ଦିନ ପରେ ବି କାହାକୁ ଗିରଫ କରିନାହିଁ। ଫଳରେ ସ୍ଥାନୀୟ ଷ୍ଟେସନ ରୋଡ ଅଞ୍ଚଳରେ ଚାପା ଉତ୍ତେଜନା ବଢ଼ିବାରେ ଲାଗିଛି। ଅଭିଯୁକ୍ତଙ୍କ ଗିରଫକୁ ନେଇ ରାସ୍ତା ଅବରୋଧ ପରିସ୍ଥିତି ଉପୁଜିବା ସମ୍ଭାବନା ଦେଖାଦେଇଛି। ବଡବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟରେ ବେକରେ ଫାଶି ଯୋଗୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ଜଣାପଡ଼ିଛି, ହେଲେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇପାରିନି। ଏଯାବତ୍ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡ଼ିବାର ଆଶା ରହିଛି ବୋଲି କହିଥିଲେ। ଏପଟେ ମୃତକ ଜଣକ ନିଜ ପରିବାରଠାରୁ ଅଲଗା ନିଜ ସ୍ତ୍ରୀଙ୍କ ସହିତ ଭଡାଘରେ ରହୁଥିଲେ। ତେଣୁ ରାଜେଶଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ଖବର ଶୁଣିବାକୁ ମିଳୁଛି।

### ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ରାମଚନ୍ଦ୍ରପୁର,୩୧।୩(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଅଳତୀସ୍ଥିତ ମା' କଲ୍ୟାଣ ମଣ୍ଡପ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଅଳତୀ ଶାଖା ପକ୍ଷରୁ ତିନି ଦିନଧରୀ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଘସିପୁରା ବ୍ଲକ ସଂଯୋଜକ ପ୍ରମୋଦ ବରାଳଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଯାଜପୁର ଜିଲା କୁମ୍ଭନଗର ଆଶ୍ରମର ମହନ୍ତ ଉପସ୍ଥିତ ରହି ଧର୍ମଧ୍ୱଜା ଉତ୍ତୋଳନ କରି ଗାୟତ୍ରୀ ଯଜ୍ଞର ଶୁଭାରମ୍ଭ କରିଥିଲେ। ପରେ ଭବ୍ୟ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କଳସ ଯାତ୍ରାରେ ଶତାଧିକ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଭଉଣୀ କଳ୍ପନା ତ୍ରିପାଠୀ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ସନ୍ଦେଶ ପ୍ରଦାନ କରିଥିଲେ। ଗାୟତ୍ରୀ ଯଜ୍ଞ ଏବଂ ସଂସ୍କାର ମହୋତ୍ସବରେ ପ୍ରବଳ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସାମାଜିକ କର୍ମୀ ଡ଼. ରତିକାନ୍ତ ବରାଳଙ୍କ ସମେତ ପ୍ରଜ୍ଞାପରିଜନ ରବିନ୍ଦ୍ର ନାୟକ, ବ୍ରଜକିଶୋର ସାହୁ, ବିଷ୍ଣୁ ନାରାୟଣ ସାମଲ, ନରେନ୍ଦ୍ର ନାୟକ, ଜଗବନ୍ଧୁ ମହାରଣା, କାର୍ତ୍ତିକ ପ୍ରସାଦ ଶତପଥୀ, ସିତାନାଥ ବରାଳ, ନୃସିଂହ ବରାଳ, ପ୍ରଭାତ ମଞ୍ଜରୀ ପୁହାଣ, ବାସନ୍ତୀ ଓଝା, ମୀନାକ୍ଷୀ ବରାଳ ସମେତ ଶତାଧିକ ପ୍ରଜ୍ଞା ପରିଜନ ଉପସ୍ଥିତ ରହି ନବକୁଣ୍ଡୀୟ ଯଜ୍ଞରେ ସକ୍ରିୟ ସହଯୋଗ କରିଥିଲେ। ଘଷିପୁରା, ବେଲସୁନ୍ଦରୀ, ତରୁଆଁ, ବଡ଼ପଦନା, ଅଳତୀ, ବାତୋ, ଓଡ଼ପଡ଼ା, ସାଇଁକୁଳ, ଉଜୁଣୀ, ଶୈଳଙ୍ଗ ପ୍ରଭୃତି ଶାଖାରୁ ପ୍ରଜ୍ଞାପରିଜନମାନେ ଯୋଗଦାନ କରି ସହଯୋଗ କରିଥିଲେ।

# ଉପାନ୍ତ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଉପେକ୍ଷିତ

## ଆଜି ଓଡ଼ିଶା ଦିବସ

କେନ୍ଦୁଝର,୩୧।୩(ଦୀପକ ମିଶ୍ର)

ରାଜ୍ୟରେ ସୋମବାର ୮୯ତମ ପବିତ୍ର ଓଡ଼ିଶା ଦିବସ ପାଳନ କରାଯିବ। ଭାଷା ଭିତ୍ତିକ ରାଜ୍ୟଭାବେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନ ପାଇଛି। ମାତ୍ର ବିଚ୍ଛିନ୍ନାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଉପେକ୍ଷିତ ହୋଇ ରହିଯାଇଛି। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ପ୍ରାଦେଶିକ ଭାଷାର ମାନ୍ୟତା ତ ଦୂରର କଥା ସେଠାରେ ଥିବା ଓଡ଼ିଆ ବିଦ୍ୟାଳୟଗୁଡ଼ିକ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଉଛି। ଠିକ ସମୟରେ ପାଠ୍ୟ ପୁସ୍ତକ ପ୍ରଦାନଠାରୁ ଆରମ୍ଭ କରି ବିଦ୍ୟାଳୟଗୁଡ଼ିକର ପୁନଃ ନିର୍ମାଣରେ ସରକାରୀ ଉଦାସୀନତା ଅନେକ ଓଡ଼ିଆଙ୍କୁ ବ୍ୟଥିତ କରୁଛି। ଫଳରେ ହିନ୍ଦୀ ଭାଷାଭାଷୀ ରାଜ୍ୟରେ ଅବହେଳିତ ହୋଇ ରହିଥିବା ୫ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ଭାଷାଭାଷୀ ଲୋକ ନିଜର ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ଏବେ ମଧ୍ୟ ସଂଗ୍ରାମ ଜାରି ରଖିଛନ୍ତି।

ଏକଦା ଓଡ଼ିଶାରେ ଥିବା ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟର ଅବିଭକ୍ତ ସିଂହଭୂମ ଜିଲାରେ ରହୁଥିବା ଓଡ଼ିଆ ଭାଷାଭାଷୀ ଲୋକ ଓଡ଼ିଶାରେ ପୁନଃ ମିଶ୍ରଣ ନେଇ ଦାବି କରି ଆସୁଛନ୍ତି। ବିଶେଷ କରି କେନ୍ଦୁଝର ଜିଲା ସନ୍ନିକଟ ପଶ୍ଚିମ ସିଂହଭୂମ ଜିଲାରେ ପ୍ରାୟ ୮୦ ପ୍ରତିଶତ ଲୋକ ଓଡ଼ିଆ ଭାଷାଭାଷୀ ଦାବି କରି ଆସୁଛନ୍ତି। ସରକାରୀ ଅବହେଳା ଯୋଗୁ ସେମାନଙ୍କ ଆଶା କ୍ଷୀଣ ହେବାରେ ଲାଗିଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ଓଡ଼ିଶା ରାଜ୍ୟ ସହ ଥିବା ଏହି ଅଞ୍ଚଳ ହିନ୍ଦୀ ଭାଷାଭାଷୀ ବିହାର ରାଜ୍ୟ ଏବେ ଝାଡ଼ଖଣ୍ଡ ରାଜ୍ୟ ସହ ମିଶ୍ରଣ ଫଳରେ ବିବାଦ ଦେଖାଦେଇ ଆସୁଛି। ପ୍ରଶାସନିକ ଅବହେଳା ଯୋଗୁ ଝାଡ଼ଖଣ୍ଡ ରାଜ୍ୟସୀମାକୁ ଲାଗିଥିବା କେନ୍ଦୁଝର ଜିଲାର ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଚମ୍ପୁଆ, ଯୋଡ଼ା, ବଡ଼ବିଲ, କିରିବୁରୁ, ବଲାଣି, ଭଦ୍ରାସାହି, ସେରେଣ୍ଡା, ଗୁଆଲି ଆଦି ଅଞ୍ଚଳରେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟ ବିପନ୍ନ ହୋଇପଡ଼ିଛି। ଅଞ୍ଚଳରେ ଓଡ଼ିଆ ବ୍ୟତୀତ ହିନ୍ଦୀ ଓ ଅନ୍ୟାନ୍ୟ ଭାଷାର ପ୍ରଚଳନ ଅଧିକ ରହୁଛି। ଏଥିପ୍ରତି ଓଡିଆ ଭାଷା ଓ ସଂସ୍କୃତି ବିଭାଗ ବେଳଠୁ ପଦକ୍ଷେପ ନ ନେଲେ ଉକ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଲୋପ ପାଇଯିବ। ଅନ୍ୟପକ୍ଷେ ସରକାରୀସ୍ତରରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଓଡ଼ିଆରେ ପତ୍ରାଳାପକୁ ବାଧ୍ୟତାମୂଳକ କରିଥିଲେ ମଧ୍ୟ ସରକାରୀ ବାବୁମାନେ ଇଂଲିଶ ଭାଷାରେ ଅଫିସ କାର୍ଯ୍ୟ ପ୍ରଚଳନ କରି ଚାଲିଛନ୍ତି, ଯାହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି। ଏପରିକି ସରକାରୀ ହୋର୍ଡିଂ, ଗାଡ଼ିରେ ଓଡ଼ିଆ କମ, ଇଂଲିଶ ଭାଷାର ବ୍ୟବହାର ଅଧିକ ହେଉଥିବା ଦେଖିବାକୁ ମିଳୁଛି। ଯୋଡ଼ା, ବଡ଼ବିଲ, ଚମ୍ପୁଆ ଅଞ୍ଚଳରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ହିନ୍ଦୀ ଓ ଅନ୍ୟ ଭାଷାରେ କଥାବାର୍ତ୍ତା ଏବଂ ପତ୍ରାଳାପ କରିଥାନ୍ତି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିବା ଏପ୍ରିଲ-୧ କୁ ଉତ୍କଳ(ଓଡ଼ିଶା) ଦିବସ ଭାବରେ ଆମେ ପାଳନ କରି ଗର୍ବ କରୁଛନ୍ତି, ମାତ୍ର ସୀମାନ୍ତ, ଉପାନ୍ତ ଅଞ୍ଚଳରେ ଓଡ଼ିଆ, ସଂସ୍କୃତ ଭାଷାର ସୁରକ୍ଷା ଦେବାରେ ସରକାର ବିଫଳ ହେଉଛନ୍ତି। ଉପାନ୍ତ ଓ ବିଚ୍ଛିନାଞ୍ଚଳରେ ଓଡ଼ିଆ ଭାଷା ନିଜର ପରିଚୟ ହରାଇବାକୁ ବସିଥିବା ବେଳେ ଏଥିପ୍ରତି ଯତ୍ନବାନ ହେବାକୁ ବୁଦ୍ଧିଜୀବୀ କୈଳାସ ଚନ୍ଦ୍ର ପଣ୍ଡା ଦାବି କରିଛନ୍ତି।

# ଭାଜପାର ଲାଭାର୍ଥୀ ଯୋଜନା ପ୍ରଚାର



ଭାଜପା କର୍ମକର୍ତ୍ତା ଲୋକଙ୍କୁ ଲାଭାର୍ଥୀ ଯୋଜନା ସମ୍ପର୍କରେ ବୁଝାଉଛନ୍ତି।

ସୋସୋ(ସତ୍ୟବ୍ରତ ଜେନା)/ହାଟଡ଼ିହୀ(ଶୁଭାକାନ୍ତ ନାୟକ),୩୧।୩

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଭାଜପାର ଘରେ ଘରେ ଲାଭାର୍ଥ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକର୍ତ୍ତାମାନେ ମରୈଗାଁ ପଞ୍ଚାୟତରେ ବିଭିନ୍ନ ଲୋକଙ୍କ ଘରକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନାରେ ଲାଭାର୍ଥୀ ପାଇଥିବା ଲୋକଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଇଥିଲେ। ଦଳ ପକ୍ଷରୁ ଦିଆଯାଇଥିବା ଲାଭାର୍ଥୀ ପୋଷ୍ଟର ଲଗାଇବା ସହ କାଗଜଟିପଣୀ ପ୍ରଦାନ କରିଥିଲେ। ଆନନ୍ଦପୁର ନିର୍ବାଚନ କ୍ଷେତ୍ରର ଭାଜପା ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ଲାଭାର୍ଥୀ ସମ୍ପର୍କ ଅଭିଯାନରେ ହାଟଡ଼ିହୀ ମଣ୍ଡଳ ସଭାପତି ହରମୋହନ ଶାସିନି, ସୁଶାନ୍ତ ଜେନା, ତୃପ୍ତିମୟୀ ଯେନା, ସୁନା ଯେନା, ନିରୁ ଯେନା, ରୁଦ୍ର ପ୍ରସାଦ ଜେନା, ଜିତନ ଶଙ୍ଖୁଆ, ଦେବ କିଶୋର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଜେଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ ଅସନ୍ତୋଷ

## ମହିଳାଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ ଘଟଣା

କେନ୍ଦୁଝର,୩୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ପୁରୁଣା ବଜାର ହାଉସିଂ ବୋର୍ଡ କଲୋନୀର ଗାୟତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟାକୁ ଦୁର୍ବ୍ୟବହାର ଓ ହତ୍ୟା ଧମକ ଅଭିଯୋଗ ହୋଇଛି। ଏନେଇ ଟାଉନ ଥାନାରେ ପୌରପାଳିକା କନିଷ୍ଠ ଯନ୍ତ୍ରୀ ଦେବାଶିଷ ପଲେଇଙ୍କ ବିରୋଧରେ ଏକ ମାମଲା (ନଂ. ୧୮୧/୨୪)ରୁଜୁ କରିଛି। ମାତ୍ର ଘଟଣାକୁ ୧୬ ଦିନ ବିତି ଯାଇଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ମହିଳା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହାଉସିଂ ବୋର୍ଡ କଲୋନୀ ନିକଟରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୀର୍ତ୍ତନ ଗ୍ରାଉଣ୍ଡ (କମ୍ୟୁନିଟି ସେଣ୍ଟର) ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏହି କାମ ପାଇଁ ଜେଇଙ୍କ ନିର୍ଦ୍ଦେଶରେ ପଡ଼ିଆରେ ଥିବା ୨ଟି ଗଛ ବଦଳରେ ୪ ଟି ଗଛ କାଟି ଦିଆଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବନବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଯାଇ ତଦନ୍ତ କରିଥିଲେ। ଏହାକୁ ନେଇ ମାର୍ଚ୍ଚ ୧୫ରେ ଅଧିକାରୀ ଦେବାଶିଷ ପଲେଇ, ଠିକାଦାର କେଶବ ଚନ୍ଦ୍ର ମହାନ୍ତ, ସତ୍ୟ ନାରାୟଣ ଉଦ୍‌ଗାତା ଓ ସୁଶାନ୍ତ ମହାନ୍ତ(ବୁଲୁ) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସ୍ନେହଲତା ମହାପାତ୍ରଙ୍କ ଘରକୁ ଯାଇ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ହତ୍ୟା ଧମକ ଦେଇଥିଲେ। ମାର୍ଚ୍ଚ ୧୯ରେ ସ୍ନେହଲତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅଭିଯୋଗକାରିଣୀ ଆରକ୍ଷୀ ଅଧିକ୍ଷକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏ ନେଇ ପୌରପାଳିକା କନିଷ୍ଠ ଯନ୍ତ୍ରୀ ତଥା ମୁକ୍ତା ସ୍କିମର ଅଧିକାରୀ ଦେବାଶିଷ ପଲେଇ କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ସେ ଏସ୍‌ପିଙ୍କ ପାଖକୁ ଯାଇ ତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ଆରୋପ ବିଷୟରେ ଜଣାଇଥିବା କହିଥିଲେ। ଅନ୍ୟପକ୍ଷେ ଘଟଣାର ଦିନକ ପରେ ଅଭିଯୋଗ କରାଯାଇଥିବା ବେଳେ ମାମଲା ୧୯ ତାରିଖରେ କରାଯିବା, ଅଦ୍ୟାବଧି କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗକାରିଣୀ ପ୍ରଶ୍ନ ଉଠାଇଛନ୍ତି। ନ୍ୟାୟ ନ ମିଳିଲେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

### ନାବାଳିକାଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ବଡ଼ବିଲ,୩୧।୩(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ପାଟି ବାନ୍ଧି ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ରୁଗୁଡ଼ି ଥାନା ଅଞ୍ଚଳର ଜୟ ମହାକୁଡ଼। ସୂଚନା ଅନୁଯାୟୀ, ଗତ ୨୯ ତାରିଖ ଦିନ ଜନୈକ ବ୍ୟକ୍ତିଙ୍କ ସହିତ କୌଣସି ଶତ୍ରୁତାର ପ୍ରତିଶୋଧ ନେବା ନିମନ୍ତେ ଜୟ ମହାକୁଡ ଜଣେ ନାବାଳିକାଙ୍କୁ ଧରିନେଇ ପାଟି ବାନ୍ଧି ଦେଇଥିଲେ। କୌଣସି ମତେ ଘଟଣା ସମ୍ପର୍କରେ ଜାଣି ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାରେ ପୋଲିସ ମାମଲା ରୁଜୁ କରିବା ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଥିବା ଜଣାପଡିଛି। ତେବେ ବାପାଙ୍କ ସହ ଶତ୍ରୁତାକୁ ନେଇ ଜଣେ ନିରୀହ ନାବାଳିକାଙ୍କ ଉପରେ ପ୍ରତିଶୋଧ ନେବାଭଳି ଅଶୋଭନୀୟ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

### ବାତୋରେ ଜମୁଛି ପଞ୍ଚଦୋଳ ମେଳଣ

ରାମଚନ୍ଦ୍ରପୁର,୩୧।୩(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ବାତୋ ମେଳଣ ପଡ଼ିଆଠାରେ ଜମୁଛି ପଞ୍ଚଦୋଳ ମେଳଣ। ରବିବାର କମିଟିର ସଭାପତି ଚିନ୍ତାମଣି ନାଏକ, ସମ୍ପାଦକ କୁଷଧଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପ୍ରଫୁଲ୍ଲ ପଣ୍ଡା ଯୋଗଦେଇ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଚଳିତ ବର୍ଷ ୩ ବିମାନରେ ପ୍ରଭୁ ଯୁଗଳ ମୁରତୀ ରାଧାକୃଷ୍ଣଙ୍କୁ ଭବ୍ୟ ସମାରୋହରେ ଭଦ୍ରକ, ବାଲେଶ୍ୱର, କରଡ଼ା ପାଳ ଆଦି ଅଞ୍ଚଳର ଗୌର ଭକ୍ତମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇ ଗ୍ରାମ ପରିକ୍ରମା କରଯାଇଥିଲା। ବିମାନ ପାଖକୁ ଆସି ଗ୍ରାମର ମା' ମାନେ ଧୂପ ଦୀପ ଦେଇ ବନ୍ଦାପନା କରିଥିଲେ। ଉତ୍ସବରେ ଗ୍ରାମର ବରିଷ୍ଠ ବ୍ୟକ୍ତି ବଲ୍ଲଭ ଚରଣ ସାହୁ, ବାବନ ମାଝୀ, କୋଦଣ୍ଡ ଜେନା, ଲିପୁ ନାଏକ, ସରୋଜ ଜେନା, ବାଦଲ ପେରେଇ, ରଞ୍ଜନ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

# ଛିଡୁନି ଅଙ୍କ, ଆଶଙ୍କାରେ ଆଶାୟୀ

## ଚମ୍ପୁଆ ବିଧାନସଭା କ୍ଷେତ୍ର



ସନାତନ ମହାକୁଡ।



ମୀନାକ୍ଷୀ ମହାନ୍ତ।



କୁଶ ଆପଟ।



ମୁରଲୀ ମନୋହର ଶର୍ମା।

ଚମ୍ପୁଆ,୩୧।୩(ମହେଶ୍ୱର ଦାସ)

ପ୍ରାୟ ଦୁଇ ସପ୍ତାହ ହେବ ନିର୍ବାଚନ ବିଗୁଲ ବାଜି ସାରିଲାଣି। ଏହାରି ଭିତରେ ଶାସକ ବିଜେଡି ପ୍ରଥମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। କିନ୍ତୁ କେନ୍ଦୁଝର ଜିଲାର ଘଷିପୁରା ଓ ପାଟଣା ନିର୍ବାଚନ ମଣ୍ଡଳୀକୁ ଛାଡ଼ି ଅନ୍ୟ ସିଟ୍‌ଗୁଡିକ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ଭାଜପା ଓ କଂଗ୍ରେସର କୌଣସି ଆସନରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇନାହିଁ। କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଭାବେ ଭାଜପା ଅନନ୍ତ ନାୟକଙ୍କ ନାମ ଘୋଷଣା କରିଥିବା ବେଳେ ବିଜେଡି ଓ କଂଗ୍ରେସର ଏ ପର୍ଯ୍ୟନ୍ତ ଏମ୍‌ପି ପ୍ରାର୍ଥୀ ତାଲିକା ପ୍ରକାଶ ପାଇନାହିଁ। ଖଣିଖାଦାନ ଭରା କେନ୍ଦୁଝର ଜିଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ପ୍ରଥମ ଥର ପାଇଁ ସନାତନ ମହାକୁଡ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ପରାଜିତ ହୋଇଥିଲେ। ୨୦୧୪ରେ ସ୍ୱାଧୀନ ଭାବେ ଛିଡ଼ା ହୋଇ ବିପୁଳ ଭୋଟରେ ବିଜୟ ଲାଭ କରିଥିଲେ। କିନ୍ତୁ ୨୦୧୯ରେ ସେ ତାଙ୍କର ଦୃଢ଼ ସମର୍ଥକ ମୀନାକ୍ଷୀ ମହାନ୍ତଙ୍କୁ ବିଧାନସଭା ଏବଂ ଏମ୍‌ପି ପାଇଁ ଚନ୍ଦ୍ରାଣୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଇ କୃତକାର୍ଯ୍ୟ ହୋଇଥିଲେ। ମୀନାକ୍ଷୀ ନିର୍ବାଚିତ ହେବାପରେ ସନାଙ୍କ ସହ ସମ୍ପର୍କ ତୁଟାଇ ଦେଇଥିବା ବେଳେ ୨୦୨୪ରେ ବିଜେଡି ଟିକେଟ ଦୌଡ଼ରେ ମୀନାକ୍ଷୀ ସର୍ବାଗ୍ରେ ରହିଛନ୍ତି। ତାଙ୍କ ସପକ୍ଷରେ ଏକ ପ୍ରଭାବଶାଳୀ ଗୋଷ୍ଠୀ ଲବି କରୁଥିବା ଜଣାପଡ଼ିଛି। କିନ୍ତୁ ଭୋଟରଙ୍କ ସହ ତାଙ୍କର ଦୂରତ୍ୱ ତାଙ୍କ ପାଇଁ ବୁମେରାଂ ହୋଇପାରେ ବୋଲି ଆଲୋଚନା ହେଉଛି। ଏଥିସହ ମୀନାକ୍ଷୀଙ୍କ ପାଇଁ କଣ୍ଟା ସାଜି ପାରନ୍ତି ତାଙ୍କ ଗୁରୁ ସନାତନ ମହାକୁଡ଼। କେନ୍ଦୁଝର ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ସନାତନଙ୍କ ଦବ୍‌ଦବା ରହିଥିବା କାହାରିକୁ ଅଛପା ନାହିଁ। ଚଳିତ ସାଧାରଣ ନିର୍ବାଚନରେ ସନା କେଉଁ ଦଳରୁ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ବିଜେଡି ଯଦି ସନାଙ୍କୁ ବୁଝାଇବାରେ ଅସମର୍ଥ ହୁଏ ଚମ୍ପୁଆ ସମେତ ପାଟଣା, ସଦର, ତେଲକୋଇ ପ୍ରଭୃତି ଆସନରେ ବିଜେଡି ପାଇଁ ବୁମେରାଂ ହେବ ବୋଲି ଆଲୋଚନା ହେଉଛି। ଚମ୍ପୁଆ ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ଅନ୍ୟତମ ପ୍ରମୁଖ ଦାବିଦାର ହେଉଛନ୍ତି କୁଶ ଆପଟ। ସେହିପରି ଡ.ମୁରଲୀ ମନୋହର ଶର୍ମା ଭାଜପାରୁ ଟିକେଟ ହାତେଇବା ସହଜ ମନେହେଉଛି। ଅନ୍ୟପଟେ ବିଜେଡିର ପୂର୍ବତନ ଏମ୍.ପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ଦଳ ଛାଡ଼ି ଏବେ କଂଗ୍ରେସ ଶିବିରରେ ଯୋଗଦେଇଥିବାରୁ ଏଠାରେ ସେ ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ। ତେବେ ଏ ସବୁ ଅଛିଣ୍ଡା ଅଙ୍କ ଭିତରେ କେଉଁ ଦଳ କାହାକୁ ଏଠାରେ ପ୍ରାର୍ଥୀ କରୁଛି ତାହା ଘୋଷଣା ପରେ ଜଣାପଡ଼ିବ।

# ଭାଜପା, କଂଗ୍ରେସର ପ୍ରାର୍ଥୀ ଘୋଷଣାରେ ବିଳମ୍ବ

## ପାଟଣା ନିର୍ବାଚନମଣ୍ଡଳୀ

### ପ୍ରଚାର ଆରମ୍ଭ କରିଦେଲାଣି ବିଜେଡି

ପାଟଣା,୩୧।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନାମ ଘୋଷଣା କରିଛି। ନାମ ଘୋଷଣା ପରେ ଶନିବାର ବିଜେଡି ପକ୍ଷରୁ ଟାଙ୍ଗରପଡ଼ା ତୋଟାରେ ନିର୍ବାଚନମଣ୍ଡଳୀର କର୍ମୀଙ୍କୁ ନେଇ ସଭା ଆୟୋଜିତ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥୀ ତଥା ପାଟଣା ବିଧାୟକ ଯୋଗଦେଇ କର୍ମୀଙ୍କ ମନରେ ନିର୍ବାଚନ ପାଇଁ ଉନ୍ମାଦନା ସୃଷ୍ଟି କରିବାରେ ସଫଳ ହୋଇଥିଲେ। ମାତ୍ର ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରୁଥିବାରୁ ଉଭୟ ଦଳର ଶିବିରରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇନାହିଁ। ଭାଜପାରୁ ଟିକେଟ ଦୌଡ଼ରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଖିଳ ଚନ୍ଦ୍ର ନାଏକ, ସତ୍ୟବ୍ରତ ନାଏକ ପ୍ରମୁଖ ରହିଛନ୍ତି। କଂଗ୍ରେସରୁ ପୂର୍ବତନ ବିଧାୟକ ହୃଷୀକେଶ ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଗୌରହରି ନାଏକ ଓ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ ପ୍ରମୁଖ ଆଶାୟୀ ରହିଛନ୍ତି। ଉଭୟ ଦଳ କାହାକୁ ପ୍ରାର୍ଥୀ କରିବ ସ୍ଥିର କରିପାରୁନାହାନ୍ତି। ଫଳରେ ଭାଜପା ଓ କଂଗ୍ରେସ ଦଳର ଆଶାୟୀ ଆଶା, ଆଶଙ୍କା ଓ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି।

# ନିଶାଠାରୁ ଦୂରେଇ ରହିବାକୁ ବାବା ବଳିଆଙ୍କ ପରାମର୍ଶ

ହାଟଡିହୀ/ସୋସୋ,୩୧।୩ (ଶୁଭକାନ୍ତ ନାୟକ/ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଶନିବାର ସନ୍ଧ୍ୟାରେ ବାବା ବଳିଆଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚନ ଶୁଣିବା ଲାଗି ଆଖପାଖ ଅଞ୍ଚଳର ଲୋକଙ୍କ ସମାଗମ ହୋଇଥିଲା। ନନ୍ଦିପଦା ପୋଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା। ଆଜିର ସମାଜରେ ନିଶା ସେବନଠାରୁ ଦୂରେଇ ରହିବା ପାଇଁ ଯୁବପିଢ଼ିଙ୍କୁ ବାବା ବଳିଆ ପରାମର୍ଶ ଦେଇଥିଲେ। ଏଥିସହ ଗୃହସ୍ଥ ଧର୍ମରେ ରହି ହସ, ଖୁସିରେ ଜୀବନ ବିତାଇବା ସହ ସଦା ସର୍ବଦା ଅନ୍ୟର ଉପକାର, ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ଧାର୍ମିକ ପ୍ରବଚନ ଏବଂ ସତସଙ୍ଗ ଆତ୍ମା ଏବଂ ଜୀବକୁ ପବିତ୍ର କରି ଚିନ୍ତା, ଚେତନାକୁ ଧର୍ମ ମାର୍ଗରେ କ୍ରିୟାଶୀଳ କରାଇଥାଏ। ଦୟା ମନୋଭାବ ରଖି ବିଶ୍ୱାସ ସହିତ ଭଗବାନଙ୍କ ନାମ ଜପ କଲେ ଜୀବନରେ ଏକ ନୂତନ ଦିଗଦର୍ଶନ ମିଳେ। କିନ୍ତୁ ମା', ବାପାଙ୍କ ସେବା ସବୁଠୁ ଭଗବାନଙ୍କ ବଡ଼ ପୂଜା ବୋଲି ଭକ୍ତଗଣଙ୍କୁ ବାବା ବଳିଆ ପ୍ରବଚନ ମାଧ୍ୟମରେ କହିଥିଲେ। ବୀରେନ୍ଦ୍ର ବିଶ୍ୱାଳ, ପଦ୍ମନାଭ ନାୟକ, ଦେବବ୍ରତ ସିଂ, ପବିତ୍ର ବିଶ୍ୱାଳ, ମାନସ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ, ପ୍ରଫୁଲ୍ଲ ସିଂ, ଚିତ୍ତରଞ୍ଜନ ବାରିକ, ମାନସ ବାରିକ, କ୍ଷୀରୋଦ ବାରିକ, ଶିବ ପ୍ରସାଦ ଜେନା, ରମେଶ ବାରିକ, କାହ୍ନୁଚରଣ ବେହେରା, ଦିବାକର ବାରିକ ପ୍ରମୁଖଙ୍କ ସହ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ୨ କି.ମି. ଚାଲିଲେ ମିଳୁଛି ବାଲ୍‌ଟିଏ ପାଣି

## ଚତୁରିସାହିରେ ପାନୀୟ ଜଳ ସଙ୍କଟ

ହାଟଡ଼ିହୀ,୩୧।୩(ପାର୍ଥ ସୌରଭ ସା)

ସର୍ବନିମ୍ନ ଆବଶ୍ୟକତା ତଥା ପାନୀୟ ଜଳ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଚଳନ କରିଛନ୍ତି। ଗାଁ ଗାଁରେ ପ୍ରକଳ୍ପ କରି ଅନେକ ଅର୍ଥ ବ୍ୟୟ ମଧ୍ୟ କରୁଛନ୍ତି। କିନ୍ତୁ ଆନନ୍ଦପୁର ଉପଖଣ୍ଡ କାଠକଟା ପଞ୍ଚାୟତ ଚତୁରିସାହିରେ ଦୀର୍ଘ ବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଅଭିଯୋଗ ପରେ ବି କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରୀଷ୍ମ ଋତୁ ଆଗମନରେ ସମସ୍ୟା ଦୁଇଗୁଣା ହୋଇଯାଇଥିବା ବେଳେ ଗାଁର ମହିଳାମାନେ ୨ କିଲୋମିଟର ଦୂର ଚାଲିଲେ ପିଇବା ପାଣି ଟୋପେ ମିଳୁଛି।

ଆଦିବାସୀ ବହୁଳ କାଠକଟା ଅଞ୍ଚଳରେ ଟ୍ୟାପ ଟୁ ହୋମ୍ ଯୋଜନାରେ ୩ ବର୍ଷରୁ ଅଧିକ ସମୟ ହେବ ଗାଁରେ ପାଇପ ଲାଇନ ବିଛାଯାଇଛି। କିନ୍ତୁ ପାଣି ଆସୁ ନ ଥିବାରୁ ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ଗାଁଟି ଉଚ୍ଚରେ ଥିବାରୁ ଗାଁକୁ ପାଣି ଯାଇପାରୁନି। ଫଳରେ ପାଣି ପାଇଁ ଗ୍ରାମର ମହିଳାମାନେ ଗାଁର ୨ କି.ମି. ଦୂରରେ ଥିବା ବୋରୱେଲ ଉପରେ ନିର୍ଭର କରୁଛନ୍ତି। ୩ ଜଣ ମିଶି ଏକା ସାଙ୍ଗରେ ହ୍ୟାଣ୍ଡେଲ ମାରିଲେ ବହୁତ ସମୟ ପରେ ବାଲ୍‌ଟିଏ ପାଣି ବାହାରିବା ପରେ ବନ୍ଦ ହୋଇଯାଉଛି। ଅନ୍ୟ ୩ ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିବା ବେଳେ ଅନେକ ଦୂରରେ ଥିବା ଗୋଟିଏ ପୋଖରୀରେ ନିତ୍ୟକର୍ମ କରୁଛନ୍ତି। ପାହାଡ଼ କଡରେ ଥିବା ଏକ କୂଅରୁ ପାଣି ଆଣି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲଗାଇଥାନ୍ତି। ସେହିପରି ଆବାସ ଯୋଜନାର ନିର୍ମିତ ଘରଗୁଡ଼ିକରେ ପାଣି ଦିଆଯାଉ ନ ଥିବାରୁ ଘରର ସ୍ଥାୟିତ୍ୱ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପାଣି ପାଇଁ ଦୀର୍ଘ କି.ମି. ରାସ୍ତା ଯିବାକୁ ପଡୁଥିବାରୁ ଗାଁର ୨ ନବ ବିବାହିତା ବାପ ଘରକୁ ପଳାଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବିଚିତ୍ର ନାଥ ଜେନା କହିଛନ୍ତି, ଜଳକଷ୍ଟକୁ ଦୃଷ୍ଟିରେ ରଖି ପଞ୍ଚାୟତ ପକ୍ଷରୁ ପ୍ରତି ବର୍ଷ ଟ୍ୟାଙ୍କର ଯୋଗେ ପାଣି ଯୋଗେଇ ଦେବାର ବ୍ୟବସ୍ଥା କରାଯାଇଛି। ତାହା ଏପ୍ରିଲ ୧୫ରୁ ଦିଆଯିବ ବୋଲି ସରକାରୀ ନିୟମ ଥିବାରୁ ପୂର୍ବରୁ ପାଣି ଯୋଗାଇ ପାରୁ ନ ଥିବା କହିଛନ୍ତି। ଦୀର୍ଘ ବର୍ଷ ଧରି ସମସ୍ୟା ଲାଗି ରହିଛି। ବାରମ୍ବାର ପ୍ରଶାସନକୁ ଜଣାଉଛୁ, କିନ୍ତୁ ପ୍ରଶାସନ କିଛି ପଦକ୍ଷେପ ନେଉନି ବୋଲି ସରପଞ୍ଚ କହିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମର ଜବାନି ମାଝୀ, ହୀରାମଣି ମାଝି, ନିହାରିକା ସୋରେନ, ରଘୁନାଥ ମାଝୀ, ଧନେଶ୍ୱର ମାଝୀ, ଦୁଷ୍ମନ୍ତ ଟୁଡୁ, ଶିବାନି ସୋରେନ, ତୁଳସୀ ଟୁଡୁ, ସୁନାରାମ ଟୁଡୁ, ବୁଦୁନି ସୋରେନ ପ୍ରମୁଖ ନିବେଦନ କରିଛନ୍ତି।



ଗ୍ରାମର ଝିଅ ଓ ବୋହୂ ପାଣି ସଂଗ୍ରହ କରି ଫେରୁଛନ୍ତି।

